ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in
E-mail : sambadkalikanews@gmail.com

# ସମ୍ବାଦ କଳିକା
The Sambad Kalika

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
KVQA | NORSK AKKREDITERING MSYS 007
NS-EN ISO 9001:2008
The Only ISO Certified Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୨୬ ● ୨୫ ଡିସେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-326 ● 25th December 2024, Wednesday ● Bhubaneswar | Licensed to post without pre-payment of postage No- BN-60/25-27


## ରାଜ୍ୟ ସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ୨୦୨୪

# ଅଧିକାର ସାବ୍ୟସ୍ତ ପାଇଁ ସଚେତନ ହେବାକୁ ପଡିବ

ଭୁବନେଶ୍ୱର, ୨୪।୧୨

ନ୍ୟୁଜ୍ ବ୍ୟୁରୋ

ଉପଭୋକ୍ତା ସୁରକ୍ଷା ଅଭିଯାନକୁ ଫଳପ୍ରଦ କରିବା ପାଇଁ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାଗରିକ ସମାଜ ଏବଂ ସର୍ବୋପରି ଗଣମାଧ୍ୟମର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି । ସବୁ ବର୍ଗର ଉପଭୋକ୍ତା ଯେପରି ସକ୍ରିୟ ଭାବେ ଅଂଶଗ୍ରହଣ କରି ଉପଭୋକ୍ତା ସୁରକ୍ଷା ଆଇନ୍ ୨୦୧୯ର ସଫଳତାରେ ଭାଗିଦାରୀ ହୋଇପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଦା ସହଯୋଗ ରହିବ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ୨୦୨୪ ପାଳନ ଅବସରରେ




ଉଦ୍‌ବୋଧନ ଦେଇ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ୧୯୮୬ ମସିହା ଡିସେମ୍ବର ୨୪ ତାରିଖରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରଣୟନ ହୋଇଥିଲା । ଏହି ଆଇନରେ ବ୍ୟବସାୟୀ ସଂସ୍ଥାକୁ ଉତ୍ତରଦାୟୀ କରିବା ପାଇଁ ଯଥେଷ୍ଟ ପ୍ରାବଧାନ ନ ଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ (ପୃଷ୍ଠା ୭ରେ)

## ମୁଁ ୨ ଥର ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଛି

ମୁଁ ଚିଟଫଣ୍ଡ ଠକେଇର ଶିକାର ହୋଇଛି । ଥରେ ନୁହେଁ ଦୁଇ ଦୁଇ ଥର ମୁଁ ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଛି । ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଜାତୀୟ ଉପଭୋକ୍ତା ଦିବସ କାର୍ଯ୍ୟକ୍ରମରେ ଏକଥା ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସେ କହିଛନ୍ତି, ଯେଉଁମାନେ ୨୦୧୯ ମସିହାରେ ବିଭିନ୍ନ ସଂସ୍ଥାରେ ପଇସା ରଖିଥିଲେ, ନିଶ୍ଚିତ ଭାବରେ କେହି ନା କେହି ଚିଟ୍‌ଫଣ୍ଡର ଶିକାର ହୋଇଥିବେ । ମୁଁ ମଧ୍ୟ ଚିଟ୍‌ଫଣ୍ଡ (ପୃଷ୍ଠା ୭ରେ)

# ଧାନର ମାନ ଖରାପ ଥିଲେ ବି କିଣିବେ ସରକାର : ଫସଲ ନଷ୍ଟ ପାଇଁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର, ୨୪।୧୨

ନ୍ୟୁଜ୍ ବ୍ୟୁରୋ

ଧାନର ମାନ ଖରାପ ଥିଲେ ବି କିଣିବେ ରାଜ୍ୟ ସରକାର । ବର୍ଷା ପାଇଁ କ୍ୱାଲିଟି ଟିକେ କମିଯାଇଥିବାରୁ ଚିନ୍ତାରେ ଅଛନ୍ତି ଚାଷୀ । ହେଲେ ସବୁ କୃଷକଙ୍କ ଧାନ କିଣାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଟୋକନ ଲ୍ୟାପ୍ସ କଲେ ଚାଷୀଙ୍କୁ ଦିଆଯିବ ଅଧିକ ୧୫ ଦିନ ମହଲତ । ଓଦା ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ ।

ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ପାଗ ଖରାପ ଯୋଗୁଁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି । କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବନି । ବର୍ଷାରେ ଯାହାର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ । ଏ ପର୍ଯ୍ୟନ୍ତ ବିକ୍ରି ହେଲାଣି ସାଢେ



ସାତ ଲକ୍ଷ ମେଟ୍ରିକ ଟନ ଧାନ । ଦେଢ ଲକ୍ଷ କୃଷକଙ୍କ ଆକାଉଣ୍ଟକୁ ସିଧା ଟଙ୍କା ଯାଇଛି । ୨୧ ଶହ କୋଟି ଟଙ୍କା ଦିଆଯାଇଥିବା ବେଳେ ଗୋଟିଏ ବି ଅଭିଯୋଗ ଏପର୍ଯ୍ୟନ୍ତ ଆସିନି ବୋଲି କହିଛନ୍ତି ମନ୍ତ୍ରୀ ।

ଅନ୍ୟପଟେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କହିଛନ୍ତି ଯେ, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ । ନଷ୍ଟ ଧାନ କିପରି ବିକିବୁ ଏବଂ ଏହା ସହ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ । ସେ କହିଛନ୍ତି ଯେ ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ । ସରକାର ଚାଷୀଙ୍କ ଭିତରେ ସହାଭାଗିତା ଦରକାର । ଜିଲ୍ଲା ପ୍ରଶାସନ ମଧ୍ୟ ସହାୟତା କରିବ । ଚାଷୀ ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ, ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ଆଶ୍ୱାସନା ଦେଇଛନ୍ତି ମନ୍ତ୍ରୀ ।

# ଲଘୁଚାପ ସକ୍ରିୟ: ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୧୨

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ବାହ୍ୟ ବଳୟ ପ୍ରଭାବରେ ଦକ୍ଷିଣ ଉପକୂଳ ସମେତ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ବାଦଲ ଆଚ୍ଛାଦନରେ ବୃଦ୍ଧି ଘଟିଛି । ଆସନ୍ତା ୩ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା । କାରଣରୁ ଧନଜୀବନ ପ୍ରଭାବିତ ହୋଇପାରେ ଓ ରାତିର ତାପମାତ୍ରା ୨ରୁ ୪ଡିଗ୍ରୀ କମିପାରେ ବୋଲି ଭୁବନେଶ୍ୱର



ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ମଙ୍ଗଳବାର ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ଉତ୍ତର ଉପକୂଳ ଓଡ଼ିଶାର କେତେକାଂଶରେ ହାଲୁକା ବର୍ଷା ହୋଇଥିଲା ବେଳେ ୨୫ ତାରିଖରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି । ଗଜପତି, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କୋରାପୁଟ ଆଦି ୫ ଜିଲ୍ଲାରେ ବର୍ଷା ହେବାକୁ ଥିବାବେଳେ କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ବୌଦ୍ଧ, ଯାଜପୁର, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି ଆଦି ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000



# ଅଜ୍ଞାତ ମୃତଦେହ ଚିହ୍ନଟରେ ବାୟୋମେଟ୍ରିକ୍ସର ଉପଯୋଗ ପାଇଁ ଶାହଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୪।୧୨

ଅଜ୍ଞାତ ମୃତଦେହ ଏବଂ ନିଖୋଜ ବ୍ୟକ୍ତି ମିଳିବା ପରେ ଚିହ୍ନଟ କରିବା ପାଇଁ ବାୟୋମେଟ୍ରିକ ଟେକ୍ନୋଲୋଜି ବ୍ୟବହାର କରିବା ଆବଶ୍ୟକ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର କହିଛନ୍ତି । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି) ସହିତ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶାହ ଅପରାଧ ଅନୁସନ୍ଧାନର ସମସ୍ତ ପ୍ରସଙ୍ଗରେ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ସମସ୍ତ ମାମଲା ପାଇଁ ପୂର୍ବ ନିର୍ଦ୍ଧାରିତ ପର୍ଯ୍ୟାୟରେ ସତର୍କ (ପୃଷ୍ଠା ୭ରେ)


DADLS-68





ମହାନ ଆତ୍ମାଙ୍କୁ ସଶ୍ରଦ୍ଧ ସମ୍ମାନ
ସୁଶାସନ ପାଇଁ ପ୍ରତିବଦ୍ଧତା

ସୁଶାସନ ଦିବସ ଅବସରରେ
ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଶାସନିକ ଉତ୍କର୍ଷର ସ୍ଥପତି
ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ
ଓଡ଼ିଶା ସରକାରଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

OIPR : 15001/13/0331/2425

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ଛୁଇଁଥିଲା ବିକାଶର ନୂଆ ଦିଗନ୍ତ । ଭୁବନେଶ୍ୱରରେ ଏମ୍ସ୍ (AIIMS) ପ୍ରତିଷ୍ଠା; ପାରାଦୀପଠାରେ ବାର୍ଷିକ ୧୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ତୈଳ ବିଶୋଧନାଗାର ପ୍ରତିଷ୍ଠା; ପୂର୍ବ ତଟ ରେଳପଥ ଡିଭିଜନ ସୃଷ୍ଟି ଏବଂ ଭୁବନେଶ୍ୱରଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ସ୍ୱର୍ଣ୍ଣ ଚତୁର୍ଭୁଜ ସଂଯୋଗୀକରଣ ଯୋଜନାରେ ୪୦୦ କିଲୋମିଟର ସୁଦୃଶ୍ୟ ଓ ସର୍ବୋତ୍ତମ ମାନର ରାଜପଥ ନିର୍ମାଣ ଏବଂ ସଂଯୋଗ ବିହୀନ ତଥା ଅପହଞ୍ଚ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୮,୦୦୦ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ ଓଡ଼ିଶାର ପ୍ରଗତିରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର



## ପରିବା ବେପାରୀଙ୍କୁ ବନ୍ଧୁକ ଦେଖାଇ ୫ ହଜାର ଟଙ୍କା ଲୁଟ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ତଳଗଡ଼ ପିକ୍ଅପ୍ ଭ୍ୟାଲି ଠାରେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍। ସୋମବାର ଭୋର୍ ସମୟରେ ଘଟିଛି ଏହି ଘଟଣା । ପରିବା ବ୍ୟବସାୟୀଙ୍କ ଠାରୁ ବନ୍ଧୁକ ଦେଖାଇ ଲୁଟ୍ କରିଛନ୍ତି ଦୁର୍ବୃତ୍ତ । ସୂଚନା ଅନୁଯାୟୀ, ସାନମୁଣ୍ଡଳୀ ଗ୍ରାମର ବସନ୍ତ ଲେଙ୍କା ନାମକ ଜଣେ ବ୍ୟବସାୟୀ କଟକ ଯାଉଥିବା ବେଳେ ତଳଗଡ଼ ଗ୍ରାମ ନିକଟସ୍ଥ ନରାଜ ପିକ୍ଅପ୍ ଭ୍ୟାଲି ଠାରେ କିଛି ଦୁର୍ବୃତ୍ତ ବ୍ୟବସାୟୀଙ୍କ ଗାଡ଼ିକୁ ଅଟକାଇବା ସହିତ ଟଙ୍କା ମାଗିଥିଲେ । ବ୍ୟବସାୟୀ ଜଣକ ଟଙ୍କା ନଦେବାରୁ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କ ପାଖରେ ଥିବା ୫ ହଜାର ଟଙ୍କା ଛଡ଼ାଇ ନେଇ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ। ଘଟଣାସ୍ଥଳରେ ବାରଙ୍ଗ ପୋଲିସ ତଦନ୍ତ ଆରମ୍ଭ କରିଛି । ସେପଟେ ତିନି ଦିନରେ ତିନି ଜଣ ବ୍ୟବସାୟୀଙ୍କ ଠାରୁ ସମାନ ଢଙ୍ଗରେ ବନ୍ଧୁକ ଦେଖାଇ ଲୁଟ୍ ହୋଇଥିବା ଜଣାପଡିଛି। ଦୁର୍ବୃତ୍ତ ପୋଲିସକୁ ଦେଉଛନ୍ତି ଖୋଲା ଚ୍ୟାଲେଞ୍ଜ। ରାତିରେ ପୋଲିସର ପାଟ୍ରୋଲିଂ ସତ୍ତ୍ୱେ କେମିତି ହେଉଛି ଲୁଟ୍ ଏହାକୁ ନେଇ ପ୍ରଶ୍ନ ଉଠିଛି ।

## ସୁଶାସନ-ପ୍ରଶାସନ ସପ୍ତାହ

## ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ସରକାର ବିଶେଷ ଧ୍ୟାନ ଦେଉଛନ୍ତି

**କଟକ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସ୍ତରରେ ଡିସେମ୍ବର ୧୯ ତାରିଖ ଠାରୁ ୨୪ ତାରଖ ପର୍ଯ୍ୟନ୍ତ "ସୁଶାସନ ସପ୍ତାହ" ପାଳନ ଅବସରରେ ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ "ସୁଶାସନ-ପ୍ରଶାସନ ଗାଁଓ କି ଓର" ବିଷୟବସ୍ତୁ ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜନ କରଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଟିପ୍ପଣୀ ପ୍ରଦାନ କରିଥିଲେ । ୧୯୯୨ ମସିହା ପରଠାରୁ ଏହି ଦିବସ ପାଳନ କରାଯାଉଥିବା ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ସେ କହିଲେ ଯେ, ଦେଶର ସାମାଜିକ, ଅର୍ଥନୈତିକ ବିକାଶ ନିମନ୍ତେ ବର୍ତ୍ତମାନ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ସରକାରଙ୍କ ସେବାରୁ ବଞ୍ଚିତ ହେଉଥିବା ଏବଂ ଅବହେଳିତ ଜନସାଧାରଣ ସେବା ପ୍ରାପ୍ତ ନିମନ୍ତେ ସରକାରଙ୍କ ବିଭିନ୍ନ ନୀତିନିୟମ ବିଷୟରେ ଅବଗତ ହେବା ତଥା ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଗାଁ ମାନଙ୍କରେ ପ୍ରଶାସନ ଦ୍ୱାରା ସୁସାଶନ ବ୍ୟବସ୍ଥାର ପ୍ରଚଳନ ନିମନ୍ତେ ଗ୍ରାମ ସଭା, ପଲ୍ଲୀ ସଭା ଆଦି କାର୍ଯ୍ୟକ୍ରମ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ସୁଶାସନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ବିଶେଷ କରି ଜନଅଭିଯୋଗ ଗୁଡିକର ସମୟ ସାପେକ୍ଷ ସମାଧାନ, ସରକାରୀ ଦସ୍ତାବିଜ୍ ଗୁଡିକର ତଥ୍ୟ ଅନୁଦାନ ପୂର୍ବକ ସମୟ ସୀମା ମଧ୍ୟରେ ଫଏସଲା ଏବଂ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ସମୟ ସମୟରେ ସରକାରୀ ସେବା କାର୍ଯ୍ୟର ଯାଞ୍ଚ ଆଦି କରାଯିବା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ସାଧୁତା, ସମୟାନୁବର୍ତ୍ତିତା ଏବଂ ଉତ୍ତମ ବ୍ୟବହାର ସହ ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ମାନସିକସ୍ତରରେ ପ୍ରସ୍ତୁତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରିଲେ ଶାସନ ବ୍ୟବସ୍ଥାରେ ଅଧିକରୁ ଅଧିକ ସୁଧାର ଅଣାଯାଇପାରିବ ବୋଲି ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ଅଧ୍ୟକ୍ଷତା କରି କହିଥିଲେ ଯେ ସୁଶାସନ ବ୍ୟବସ୍ଥା ନିମନ୍ତେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ମାନଙ୍କର ଆଚରଣ ଓ ଉଚାରଣର ସାମଞ୍ଜସ୍ୟ ରହିବା ଆବଶ୍ୟକ। ସ୍ୱଚ୍ଛତା ଅବଲମ୍ବନପୂର୍ବକ ପ୍ରଶାସନିକ ବ୍ୟବସ୍ଥାରେ ଇଚ୍ଛାଶକ୍ତି, ବ୍ୟବହାର ଏବଂ ଉତ୍ସାହ ପରିଲିକ୍ଷିତ ହେବାର ଆବଶ୍ୟକତା ଅଛି, ଏଥିସହ ମାନସିକ ସ୍ତରରେ ପ୍ରସ୍ତୁତ ହେଇ ସମସ୍ତ କାର୍ଯ୍ୟ କରିପାରିଲେ ସୁଶାସନ ବ୍ୟବସ୍ଥାର ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ଶ୍ରୀ ରାଜ ମତବ୍ୟକ୍ତ କରିଥିଲେ। ଓର୍‌ମାସ୍ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ ପ୍ରଶାସନିକ ସୁଶାସନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରି ଗାଁ ମାନଙ୍କରେ ସମୟାନୁବର୍ତ୍ତିତା ଅବଲମ୍ବନ କରି ସରକାରଙ୍କର କାର୍ଯ୍ୟକ୍ରମ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ ତଥା ଓର୍‌ମାସ୍ ପକ୍ଷରୁ ପ୍ରଚଳିତ ଯୋଜନା ଜରିଆରେ ଜିଲ୍ଲାରେ କାର୍ଯ୍ୟରତ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦର ସଫଳତା କାହାଣୀ ସମ୍ବନ୍ଧରେ ଏକ ଛୋଟ ଭିଡିଓ ଫିଲ୍ମ ମାଧ୍ୟମରେ ଦର୍ଶାଇ ଥିଲେ। ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ, ଜୋସ୍ନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ବିଭାଗୀୟ ଅଧିକାରୀ ମାନାଙ୍କ ସହ କାର୍ଯ୍ୟାଳୟର କମଚାରୀ ମାନେ ଉପସ୍ଥିତ ଥିଲେ।




## ଶ୍ରମିକ ପରିବାର ଯୁବକ ସଂଘର ୧୮ ଦଫା ଦାବି



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସ୍ଥିତ ଓ.ଟି.ଏମ୍. କାରଖାନା ବନ୍ଦ ହେବା ପରେ ପ୍ରାୟ ୨୪ ବର୍ଷ ହେବ ଓ.ଟି.ଏମ୍. କଲୋନି ସମେତ ଓଟିଏମ୍ ଦୁର୍ଗାନଗର, ଜୟଜଗନ୍ନାଥ, ବାସ୍ତୁହରାକଲୋନି ନଗର, ମଠସାହି, ତ୍ରିନାଥ ନଗର ଓ ଗୋପାଳନଗର ବସ୍ତି ଅଞ୍ଚଳରେ ବାସ କରୁଥିବା ବାସିନ୍ଦାମାନଙ୍କୁ ପୌରପାଳିକା ତରଫରୁ କୌଣସି ମୌଳିକ ସୁବିଧା ସୁଯୋଗ ମିଳିପାରୁନାହିଁ । ଏଥିସହ ସମସ୍ତ ପୌରାଞ୍ଚଳରେ ବିଭିନ୍ନ ପ୍ରକାର ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉନଥିବାରୁ ସୋମବାର ଶ୍ରମିକ ପରିବାର ଯୁବକ ସଂଘ ତରଫରୁ ସଭାପତି ଆଇନଜୀବୀ କୈଳାସ ଚନ୍ଦ୍ର ସାହାଣୀ, ପାରିଷଦ ଦିଲ୍ଲୀପ ସାହୁ, ସୁବ୍ରତ କୁମାର ସାମଲ, ବିଜୟଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ଏକ ୩୫ ଜଣିଆ ପ୍ରତିନିଧି ମଣ୍ଡଳୀ ୧୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କୁ ପ୍ରଦାନ କରିଛନ୍ତି । ଦାବି ମଧ୍ୟରେ ଓ.ଟି.ଏମ୍. କଲୋନୀର ଡ୍ରେନେଜ୍ ବ୍ୟବସ୍ଥାର ପୁନରୁଦ୍ଧାର, କଂକ୍ରିଟ୍ କିମ୍ବା ପେଭର ବ୍ଲକ୍ ଦ୍ୱାରା ସମସ୍ତ ରାସ୍ତା ନିର୍ମାଣ ସହିତ ବସ୍ତିରେ ଷ୍ଟ୍ରିଟ୍ ଲାଇଟ୍ ପ୍ରଦାନ, ବର୍ଷାଜଳ ନିଷ୍କାସନ ପାଇଁ ରହିଥିବା କଲୋନୀ ଓ ବସ୍ତି ଅଞ୍ଚଳର ଡ୍ରେନ୍‌ର ପୁନର୍ନିର୍ମାଣ, ଚୌଦ୍ୱାରରେ ସ୍ୱତନ୍ତ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ, ପୋଖରୀର ଆଧୁନିକୀକରଣ, ଅର୍ଦ୍ଧନିର୍ମିତ ଟାଉନ୍‌ହଲ୍‌ର ସ୍ମାର୍ଟ ଶ୍ମଶାନର ରୂପରେ ଗଢ଼ିବା ପୌରାଞ୍ଚଳର ସମସ୍ତ ଶ୍ମଶାନର ଆଧୁନିକୀକରଣ, ସାଧାରଣ ବଣ୍ଟନ ପ୍ରକ୍ରିୟାରେ ସମସ୍ତ ୱାର୍ଡ଼ରେ କଣ୍ଟ୍ରୋଲ୍ ଦୋକାନ ଖୋଲିବା ସହିତ ରାସନକାର୍ଡ଼ରେ ଯୋଗ୍ୟ ନୂତନ ହିତାଧିକାରୀଙ୍କ ନାମ ସଂଯୋଗୀକରଣକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଚୌଦ୍ୱାର ଟାଉନ୍‌ହଲ୍‌ର ଆଧୁନିକୀକରଣ, ଭେଣ୍ଡିଙ୍ଗ୍ ଜୋନ୍ ଦ୍ୱାରା ବ୍ୟବସାୟୀ ପ୍ରତିଷ୍ଠାନର ସୁବ୍ୟବସ୍ଥା ପ୍ରଦାନ ସହିତ ଆଶିଷ କୋଳାନଗର ମୁଖ୍ୟ ରାସ୍ତାକଡ଼ରୁ ଉଠାଇ ଏହାର ସ୍ୱତନ୍ତ୍ର ସ୍ଥାନ ପ୍ରଦାନ, ଚୌଦ୍ୱାର ମଣ୍ଡଳ କାରାଗାରରୁ ବାହାରକୁ ଆସୁଥିବା ଆବର୍ଜନା ପାଣିର ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା, ମାଗୁଣା ବେଟିଙ୍ଗ୍ ପାର୍କକୁ ତୁରନ୍ତ କାର୍ଯ୍ୟକ୍ଷମ, ଓ.ଟି.ଏମ୍. କଲୋନୀ ୧, ୨ ଓ ଥର୍ମାଲ୍ ସ୍ଥିତ କାଳାମନ୍ଦିର ନିକଟରେ ପଙ୍କପଟ କଲୋନୀର ବର୍ଷାଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ଚୌଦ୍ୱାର ସୁଲତାନ ନଗର ଠାରେ ଅର୍ଦ୍ଧନିର୍ମିତ ଷାଡ଼ିଘରର ସ୍ମୃତିସ୍ଥଳ ଏବଂ ଚୌଦ୍ୱାରର ଐତିହାସିକ ରୂପରେ ପରିତ୍ୟକ୍ତ ସଂରକ୍ଷଣ ପାଇଁ ସଂଘ ତରଫରୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ପୌର ଉପାଧ୍ୟକ୍ଷ ମହେନ୍ଦ୍ର ସାମଲ ଉପସ୍ଥିତ ଥିବା ବେଳେ ପ୍ରତିନିଧି ମଣ୍ଡଳରେ ଭ୍ରମରବର ନାୟକ, ଶରଧର ବିଶ୍ୱାଳ, କାହ୍ନୁଚରଣ ମହାନ୍ତି, ରମାକାନ୍ତ ପରିଡ଼ା, ନଞ୍ଜନ ପ୍ରଧାନ, ପୂଜା ସାହୁ, ପ୍ରତିମା ଭୂୟାଁ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ରବିନ୍ଦ୍ର କୁମାର ବାରିକ, ନିରଞ୍ଜନ ମହାନ୍ତି, ସୁରେଶ କୁମାର ବେହେରା, ସରୋଜ କୁମାର ସ୍ୱାଇଁ, ଅଜୟ କୁମାର ଦାସ, ଏସ୍‌କେ ଅବ୍‌ଦୁଲ ରସିଦ୍, ଦିଲ୍ଲୀପ କୁମାର ଦାଶ, ଭାସ୍କର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ନିରଞ୍ଜନ ଦାସ ଓ ଗୌରାଙ୍ଗ ଚନ୍ଦ୍ର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ହଜାର ଲିଟର ଚୋରା ମଦ ଜବତ:୫ ଗିରଫ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରି ହେଉଥିବାର ଖବର ମିଳିବା ପରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଜମ୍ବୁର ପ୍ରଭାକରପୁରର ଛୋଟୁ ଖିଲାର, ଗୌରାଙ୍ଗ ରାଉତ, ନାଥ ଖିଲାର, ରଜତ ରାଉତ, ଆଶ୍ରମ ବାଲିକୁଦାର ଚନ୍ଦ୍ର ବେହେରାଙ୍କୁ ଗିରଫ କରିବା ସହ ଏମାନଙ୍କ ପାଖରୁ ପ୍ରାୟ ୨ ହଜାର ଲିଟର ଦେଶୀ, ବିଦେଶୀ, ରନ୍ଧା ମଦ ଜବତ କରିବା ସହ ଏହି ଚୋରା ମଦରେ ବ୍ୟବହୃତ ହେଉଥିବା ଗୋଟିଏ ମଟର ସାଇକେଲ ଜବତ କରି ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଶିଳ୍ପୀଗୁରୁ ବି. ବର୍ମା ବିଶ୍ୱର ଜଣେ ଅନବଦ୍ୟ ଚିତ୍ରଶିଳ୍ପୀ:ଆଇନ୍‌ମନ୍ତ୍ରୀ




**ମାହାଙ୍ଗା, ନ୍ୟୁଜ୍**

ମାହାଙ୍ଗା ମାଟିର ଗୌରବୋଜ୍ୱଳ ପୁରୁଷ, ଯଶସ୍ୱୀ ସାଧକ, ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ୭୦ ତମ ଶ୍ରଦ୍ଧାଞ୍ଜଳି ସମାରୋହ କୁସୁପୁର ହାଇସ୍କୁଲ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଲଳିତକଳା ଏକାଡେମୀ ଏବଂ ନନ୍ଦ କିଶୋର ବିଦ୍ୟାମନ୍ଦିର କୁସୁପୁର ଓ ମାହାଙ୍ଗା ବିକାଶ ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ଭବ୍ୟ ଉତ୍ସବକୁ ଆଇନ୍ ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଶିଳ୍ପୀଗୁରୁ ବି. ବର୍ମା କେବଳ ମାହାଙ୍ଗା ମାଟିକୁ ଚମକିତ କରିଛନ୍ତି ସେକଥା ନୁହେଁ, ବିଶ୍ୱର ଜଣେ ଅନବଦ୍ୟ ଚିତ୍ରଶିଳ୍ପୀ ଭାବେ ଶିଳ୍ପୀଗୁରୁ ଆଜିବି ଅବିସ୍ମରଣୀୟ ପୁରୁଷ ଓଡ଼ିଆ ଜନଜୀବନର ନିଛକ ଚିତ୍ର, କଳା ଭାସ୍କର୍ଯ୍ୟ ସାହିତ୍ୟ ଓ ସଂସ୍କୃତିକୁ ଅପରୂପ ଢଙ୍ଗରେ ଚିତ୍ରିତ କରିଥିବା ଧୂରୀଣ ଶିଳ୍ପୀ ଚିର ବନ୍ଦନୀୟ ଉତ୍ସବରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ଡକ୍ଟର ପଞ୍ଚାନନ ସାମଲ ଯୋଗଦେଇ ଶିଳ୍ପୀଗୁରୁଙ୍କୁ ବିଶ୍ୱ ବନ୍ଦନୀୟ ଚିତ୍ରକର ଭାବେ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡକ୍ଟର ବସନ୍ତ କିଶୋର ସାହୁ ଯୋଗଦେଇ ଥିଲେ ସାହିତ୍ୟିକ ଅଶୋକ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ରଞ୍ଜନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର କୃତୀ ଛାତ୍ରୀମାନେ ଆବାହନୀ ସଂଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୃତ୍ୟ, ସଂଗୀତ, ଅଭିନୟ ପରିବେଷଣ କରିଥିଲେ । ବିଭିନ୍ନ ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବକୁ ସାମ୍ବାଦିକ ଶରତ ସାମଲ, ସାମ୍ବାଦିକ ଅମରେନ୍ଦ୍ର ସିଂ, ଶେଷଦେବ ସାହୁ, ଉମେଶ ଦାସ, ଶାରଦା ପ୍ରସନ୍ନ ଜେନା, ସୁବ୍ରତ କୁମାର ଜେନା, ହେମନ୍ତ ଦାସ ପ୍ରମୁଖ ପରିଚାଳନା କରିବା ଦେଖିବାକୁ ମିଳିଥିଲା ।

### ////////////// ମାଁ ସାରଦାମଣୀ ଦେବୀଙ୍କ ୧୭୧ତମ ଜୟନ୍ତୀ ପାଳିତ //////////////

## 'ଆଧ୍ୟାତ୍ମିକ ଶିକ୍ଷା ଓ ସାଧନା ମାଧ୍ୟମରେ ଈଶ୍ୱରଙ୍କ ସାନ୍ନିଧ ପ୍ରାପ୍ତ ହୁଏ'

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରପାଲି ସର୍ଗିପାଲି ମାଁ ସାରଦା ପୀଠ ପରିସରରେ ମାଁ ସାରଦାମଣୀ ଦେବୀଙ୍କ ୧୭୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରଭୁ ଶରଣାଗତ ଆନନ୍ଦ ଯୋଗଦେଇ ଦିବ୍ୟ ଜୀବନ ଲାଭର ଆଧାତ୍ମିକ ରହସ୍ୟ ଉପରେ ଏକ ଦିବ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ଗୁରୁଦେବ କହୁଥିଲେ, ଆମେ ସମସ୍ତେ ଈଶ୍ୱରଙ୍କୁ ଖୋଜୁଛୁ, ପାଇବା ପାଇଁ ଚେଷ୍ଟା କରୁଛୁ ଏବଂ ଆଧାତ୍ମିକ ଶିକ୍ଷା ଓ ସାଧନା ମାଧ୍ୟମରେ ପାଇଛୁ। ଏହି ସଂସାରର ଯେ କୌଣସି ବ୍ୟକ୍ତି ପ୍ରବଳ ଶ୍ରଦ୍ଧା ଓ ସଂବେଗ ନେଇ ଈଶ୍ୱରଙ୍କୁ ଖୋଜିବ ନିଶ୍ଚିତ ଭାବରେ ପାଇବ। କିନ୍ତୁ ଏଥିପାଇଁ ଯଥାଯଥ ବିଜ୍ଞାନ ସମ୍ମତ ପ୍ରଣାଳୀରେ ସାଧନା କରିବା ଆବଶ୍ୟକ। ଗୁରୁଦେବ ପୁଣି କହୁଥିଲେ, ଗାଈର ଚିତ୍ର ଯେତେ ସୁନ୍ଦର କରି ଅଙ୍କନ କଲେ ମଧ ସେ କ୍ଷୀର ଦେବନାହିଁ, ଏହା ଯେପରି ଠିକ୍ ସେହିପରି ଈଶ୍ୱରଙ୍କ ଚିତ୍ର ଯେତେ ସୁନ୍ଦର କରି ଅଙ୍କନ କଲେ ମଧ କେବେବି ଈଶ୍ୱର ମିଳିବେ ନାହିଁ । ଈଶ୍ୱର ଲାଭ ପାଇଁ ନିଜ ଭିତରେ ଐଶ୍ୱରିକ ଚେତନାକୁ ସଞ୍ଚାର କରିବାକୁ ପଡ଼ିଥାଏ। ପରେ ଆଚାର୍ଯ୍ୟ ଶେଷଦେବ ଶିକ୍ଷା ସାଧନା ଓ ପୂଜା ପ୍ରାର୍ଥନା ମଧ୍ୟରେ ପାର୍ଥକ୍ୟ ବୋଧ ସମ୍ବନ୍ଧରେ ଏକ ବିଜ୍ଞାନ ସମ୍ମତ ଅଭିଭାଷଣ ପ୍ରଦାନ କରିଥିଲେ। ସାଧକ ଭଗବାନ ଶିକ୍ଷାର ଆବଶ୍ୟକତା ଓ ଏହାର ଅଭାବଜନ୍ୟ ପୀଡ଼ା ଉପରେ ଏକ ମାର୍ମିକ ଅଭିଭାଷଣ ପ୍ରଦାନ କରିଥିଲେ। ପୂଜନୀୟା ଗୁରୁମା ନାରୀ ଓ ତାହାର କର୍ତ୍ତବ୍ୟ ବିଷୟରେ ଏକ ଦିବ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ସାଧକ ବଳବନ୍ଧୁ ସାରଦା ମାଁଙ୍କ ଦିବ୍ୟଗୁଣ ଉପରେ ଏକ ଅଭିଭାଷଣ ଦ୍ୱାରା ପ୍ରଦାନ କରାଯାଇଥିଲା । ଏବଂ ସାଧକ ମହେନ୍ଦ୍ର ମାଁ ସାରଦାଙ୍କ ଜୀବନୀ ଉପରେ ଏକ ସମ୍ୟକ୍ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁମଧୁର ସଂଗୀତ ପରିବେଷଣ କରି ଏକ ଭାବମୟ ବାତାବରଣ ସୃଷ୍ଟି କରିଥିଲେ । ସାଧକ କୈଳାସ କର୍ଣ୍ଣ, ସାଧିକା ବାସନ୍ତୀ, ସାଧିକା ମମତା, ସାଧିକା ବିଳାସିନୀ ଏବଂ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ ସଞ୍ଜୟ, ଦଶରଥ, ସୁନୀଲ, ସରୋଜ, ଅଭିମନ୍ୟୁ, ଅଶୋକ ଏବଂ ଅନ୍ୟମାନେ। ପରିଶେଷରେ ସାଧକ ଅମୃତଲାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ ସାଧକ ପ୍ରକାଶ । କାର୍ଯ୍ୟକ୍ରମର ଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ମହାଆନନ୍ଦରେ ପ୍ରସାଦ ସେବନ ପୂର୍ବକ କାର୍ଯ୍ୟକ୍ରମଟିକୁ ସମାପ୍ତ କରାଯାଇଥିଲା ।




## 'ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜନତାଙ୍କ ସମସ୍ୟା ସମାଧାନ କର'



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୧ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୯ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୨ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ବୀରମହାରାଜପୁର ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସିଙ୍କ ସମେତ ତହସିଲଦାର ବୀରମହାରାଜପୁର ପୁନମ ମହାପାତ୍ର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ଦଶରଥପୁରରେ ଜନ ଅଭିଯୋଗ ଶୁଣାଣି:୭୪ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ସୋମବାର ମୋଟ୍ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର, ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର, ବିକ୍ରମ କେଶରୀ ପରିଡ଼ା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶେଷରେ ଭିନ୍ନକ୍ଷମ ମାନଙ୍କୁ ୫ଟି ଶ୍ରବଣ ବାଧିତ ଯନ୍ତ୍ର ୧ଟି ଟ୍ରାଇ ସାଇକଲ ଓ ୧ଟି ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା। ଯେଉଁଥିରେ କି ଦହନିହାଟ ଗ୍ରାମ ପଞ୍ଚାୟତର ଅଙ୍ଗଦ ମଲ୍ଲିକ, ମଲ୍ଲିକାପୁର ପଞ୍ଚାୟତର ଶୃତି ରଞ୍ଜନ ବାରିକ, ନିଜାମପୁର ପଞ୍ଚାୟତର କପିଳା ଜେନା, ପାଲଟପୁର ପଞ୍ଚାୟତର ବିଚିତ୍ର ପରମାଣିକ, ଚଢ଼ଖଣ୍ଡା ପଞ୍ଚାୟତର ପୂଜାରାଣୀ ଜେନାଙ୍କୁ ଶ୍ରବଣ ବାଧିତ ଯନ୍ତ୍ର ଓ ଚଢ଼ଖଣ୍ଡା ପଞ୍ଚାୟତର ଲତା ଜେନାଙ୍କୁ ହୁଇଲ୍ ଚେୟାର ଏବଂ ମଲ୍ଲିକାପୁର ପଞ୍ଚାୟତର ସନାତନ ସାହୁଙ୍କୁ ଟ୍ରାଇ ସାଇକଲ୍ ପ୍ରଦାନ କରାଯାଇଥିଲା।



## ପରିବହନ ବିଭାଗ ତାଲିମ କେନ୍ଦ୍ର ନିର୍ମାଣ କାର୍ଯ୍ୟକୁ ବନ୍ଦ କଲେ ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗ୍ରାମର ଗଦବସା ପଡିଆ ଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ହେବାକୁ ଥିବା ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା । ତାଲିମ କେନ୍ଦ୍ର ପାଇଁ ପ୍ରଶାସନ ବୁରକଟା ଗଦବସା ପଡିଆରେ ଦେଇଥିବା ୨ ଏକର ଜମିକୁ ସମତଳ କରିବା ଓ ଗଭୀର ନଳକୂପ ଖୋଳାଯାଉଥିବା ବେଳେ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରାଇଥିଲେ । ଗ୍ରାମବାସୀ ଓ ଖୁଣ୍ଟବନ୍ଧ ପଞ୍ଚାୟତର ନାଏବ ସରପଞ୍ଚ ସମୀର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟ ସ୍ଥଳରେ ପହଞ୍ଚି କାମ ବନ୍ଦ କରି ଯନ୍ତ୍ରପାତି ଓ ଯାନବାହାନ ଧରି ପଡିଆ ଛାଡି ଚାଲିଯିବାକୁ ଚେତାବନୀ ଦେଇଥିଲେ । ଗ୍ରାମର ଗୋଚର ଜମିକୁ କିସମ ପରିବର୍ତ୍ତନ କରି ପ୍ରଶାସନ ବିଭିନ୍ନ ବିଭାଗକୁ ଜମି ଦେଉଥିବାରୁ ତାର ପ୍ରତିବାଦ କରିଥିଲେ। ଗ୍ରାମର ଘର ଡିହ ନଥିବା ପରିବାରକୁ ୪ ଡିସିମିଲ୍ ଲେଖାଏଁ ଜମି ଦେବାକୁ ପ୍ରଶାସନ ଜମିନଥିବା କହୁଥିବାବେଳେ ଗ୍ରାମରେ ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଏକର ଏକର ଜମି କିସମ ପରିବର୍ତ୍ତନ କରିଦେଉଥିବାରୁ ତାର ଦୃଢ ବିରୋଧ କରି ନାଏବ ସରପଞ୍ଚ ଶ୍ରୀ ପ୍ରଧାନ ଚେତାବନୀ ଦେଇଥିଲେ ।

## ଛଟେଇ ପ୍ରତିବାଦରେ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଡାକରାରେ କେନ୍ଦ୍ରାପଡା ସ୍ଥିତ ବିଭାଗୀୟ ଦପ୍ତର ଆଗରେ ପାରାଦ୍ୱୀପ ବିଦ୍ୟୁତ୍ ମଣ୍ଡଳ କେନ୍ଦ୍ରାପଡା ସ୍ଥିତ ଡିଭିଜନ୍-୧ ଓ ୨ର କର୍ମଚାରୀମାନେ ଗଣ ଧାରଣାରେ ଯୋଗ ଦେଇଛନ୍ତି । ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀ ବିଦ୍ୟୁତ୍ କର୍ମଚାରୀ ମାନଙ୍କ ନୂତନ ବକେୟା ମଜୁରୀ, କ୍ୟାଡର ରିଆରେମେଣ୍ଟର ସୁବିଧାରୁ ବୈଷୟିକ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ବଞ୍ଚିତ କରିବା, କର୍ମଚାରୀଙ୍କୁ ଛୋଟ ଛୋଟ କାରଣରେ ଛଟେଇ କରିବା ତଥା ଖାଲିଥିବା ପଦବୀ ଗୁଡିକୁ ପୁରଣ ନକରିବା, ୮ ଘଣ୍ଟା ବଦଳରେ ୨୪ ଘଣ୍ଟା କାର୍ଯ୍ୟ ସମ୍ପାଦନ କରିବାକୁ ବାଧ କରିବା ପ୍ରତିବାଦରେ ମହାସଂଘର କର୍ମଚାରୀମାନେ ଗଣଧାରଣାରେ ସାମିଲ୍ ହୋଇଛନ୍ତି । ଓଡ଼ିଶାର ବିଦ୍ୟୁତ୍ କର୍ମଚାରୀ ମହାସଂଘକୁ ଶ୍ରମିକଙ୍କ ପକ୍ଷ ରଖିବା ପାଇଁ ସୁଯୋଗ ପ୍ରଦାନ କରିବା ଦାବି ନେଇ ଏହି ଧାରଣା ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ସାଧାରଣ ସମ୍ପାଦକ ଅମର କୁମର ପ୍ରତାପସିଂହ, ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ ।





## ଜୟନ୍ତୀ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଅନନ୍ୟ ଅବଦାନ ରଖିଥିବା ଭଦ୍ରକ ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ତ୍ୟାଗ ଓ ଆଦର୍ଶର ସ୍ମୃତି ଚାରଣା ସହ ସେଥିରେ ଅନୁପ୍ରାଣୀତ ହେଲେ, ତାହାହିଁ ହେବ ସ୍ୱର୍ଗତ ମହାନ୍ତିଙ୍କ ଆତ୍ମା ପ୍ରତି ପକୃତ ଶଦ୍ଧାଞ୍ଜଳୀ ବୋଲି ତାଙ୍କର ୧୨୫ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଜଘାଟ ଛକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୂର୍ଯ୍ୟବଂଶୀ ସୂରଜ ଏବଂ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ସ୍ମୃତି କମିଟିର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ପରିବାର ପକ୍ଷରୁ ତାଙ୍କର ସୁଯୋଗ୍ୟା ପୁତ୍ରବଧୂ ଅବସରପ୍ରାପ୍ତ ଅଧ୍ୟକ୍ଷା ଝରଣା ପଟ୍ଟନାୟକ, ନାତି ଜ୍ୟୋତି ପ୍ରକାଶ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ରାଧାରାଣୀ ମହାପାତ୍ର, ବିଜୟ କୁମାର ବହଳୀ, ତ୍ୟାଗଭୂମି ମହୋତ୍ସବର ସଭାପତି ତଥା ସମାଜସେବୀ ଅଜୟ କୁମାର ନାୟକ, ସମାଜସେବୀ ଏସ୍.ଏମ୍. ଫାରୁକ୍, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଗାନ୍ଧୀ ବିଚାର ମଞ୍ଚର ଶାନ୍ତନୁ ରାଉତ, ସମାଜ ସେବୀ ଲକ୍ଷ୍ମୀକାନ୍ତ ବାରିକ ଚରମ୍ପା ସଂସ୍କୃତି ପରିଷଦର ବାବୁଲାଲ ଦାସ, ବିମଳା ନାଟ୍ୟ ସଂସଦର ଗୌରାଙ୍ଗ ଚରଣ ବାରିକ, ସାମ୍ବାଦିକ ଅଶୋକ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଫେଲୋସିପ୍‌ର କର୍ମଚାରୀବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ ବୃ | ୫ | ରା୪ ଶ୍ମ୩ |
| ୮ମ | ୧୪ / ୭ | ୨ଶୁ |
| ୯ ୧୦କେ | ୧୧ଚ | ରଲ ହୂ୧୨ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୧୨।୨୦୨୪, ପୌଷ ଦି୧୦ନ, ବୁଧବାର**


**ସୂର୍ଯ୍ୟୋଦୟ- ଘ୬।୧୮।୫୭ ଚନ୍ଦ୍ରୋଦୟ- ରାଘ ୨।୦୩।୧୪**

**ଦଶମୀ-** ରାଘ ୧୦।୩୦ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ଦିଘ ୩।୨୨ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ୍ବ ଶାଗ ରାଘ ୧୦।୩୦ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୩ ଗତେ ଘ ୮।୩୨ ମଧ୍ୟେ । ଦିଘ ୧।୩୪ ଗତେ ଘ ୩।୪୪ ମଧ୍ୟେ । **ପର୍ବୋତ୍ସବ -** ପଣ୍ଡିତ ମଦନ ମୋହନ ମାଳବ୍ୟ ଓ ଅଟଳ ବିହାରୀ ବାଜପେୟୀ ଜୟନ୍ତୀ, ସୁଶାସନ ଦିବସ, ଖ୍ରୀଷ୍ଟଜନ୍ମ, ବଡ଼ଦିନ ।


**ମେଷ:** ଦୂରଯାତ୍ରାରେ ଅନେକ ଲାଭ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସହଯୋଗ ଲାଭ କରିବେ । ଶାରୀରିକ ସୁସ୍ଥତା ଅନୁଭବ କରିବେ ।


**ବୃଷ:** କର୍ମକ୍ଷେତ୍ରରେ ସହଯୋଗ ପାଇ ବେଶ୍ ଆଗେଇ ଚାଲିବେ । ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସାଧାରଣତଃ ସମାନ ରହିବ । ଘରେ ଶାନ୍ତି ଲାଭ ହେବାର ସୂଚନା ।



**ମିଥୁନ:** ଆତଙ୍କିତ ଅବସ୍ଥାରେ ଆଜି ଦିନଟି ବିତିବ । କର୍ମକ୍ଷେତ୍ରରେ ଜୟଯୁକ୍ତ ହୋଇ କାର୍ଯ୍ୟକ୍ରମ ହାତକୁ ନେବେ। ଆୟର ପରିମାଣ ସାମାନ୍ୟ ବଢ଼ିବ । ଘରେ ଅଶାନ୍ତି ସୃଷ୍ଟି ହେବ । ଠକାମିର ଶିକାର ହେବେ ।


**କର୍କଟ:** ହିତ ବିପରୀତ ପରି କାର୍ଯ୍ୟ କରିଚାଲିବେ । ଆପଣ ଭଲ କଥାଟେ କହିଲେ ମଧ୍ୟ କେହି ଗ୍ରହଣ କରିବେନାହିଁ । ଅଯଥା ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ କଳହ ଦେଖାଦେଇପାରେ ।


**ସିଂହ:** କର୍ମକ୍ଷେତ୍ରରେ ସହକାରୀ ତଥା ସହକର୍ମୀଙ୍କ ସହଯୋଗ ଲାଭ କରି ଆନନ୍ଦିତ ହେବେ । ଉଚ୍ଚ ଆଶା କ୍ରମେ ଫଳବତୀ ହେବ । ଆୟରେ ସାମାନ୍ୟ ଅଗ୍ରଗତି । ପାରିବାରିକ କଳହ ସୃଷ୍ଟି ହେବ । ମନ ଅସ୍ଥିର ରହିବ ।



**କନ୍ୟା:** ମନରେ ଶାନ୍ତି ଆସିବ । ଯେକୌଣସି କାମ କରିବା ପାଇଁ ମନରେ ଉତ୍ସାହ ଜନ୍ମ ନେବ । ଆଶାବାଦୀ ହୋଇ କାର୍ଯ୍ୟକ୍ରମ ମାନ ହାତକୁ ନେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ପ୍ରାପ୍ତ ହେବ ।


**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ପୁରାତନ କାର୍ଯ୍ୟମାନ ପରି ସମାପ୍ତି ହେବ । ନୂତନ କର୍ମ ପ୍ରାପ୍ତିର ସୂଚନା । ରୋଜଗାରରେ ଅଗ୍ରଗତି ହେବ। ପାରିବାରିକ ସହଯୋଗ ଲାଭ ହେବ। ବନ୍ଧୁ ଦର୍ଶନ ।


**ବିଛା:** ଯେତେ ଚେଷ୍ଟା କଲେ ମଧ ଅପବ୍ୟୟରୁ ବର୍ତ୍ତିପାରିବେନାହିଁ । ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପରିଶ୍ରମ ବୃଦ୍ଧିର ସୂଚନା । ରୋଜଗାରରେ ସ୍ଥିରତା । ପାରିବାରିକ ଶାନ୍ତି ପ୍ରାପ୍ତି ହେବ ।


**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗ ଲାଭ କରିବା ସହିତ ଅଗ୍ରଗତି କରିଚାଲିବେ । ଆୟର ପରିମାଣ କ୍ରମଶଃ ବଢ଼ି ଚାଲିବ । ବନ୍ଧୁ ସହଯୋଗ ମିଳିବ । ପରିବାରରେ ଶ୍ରମ ବୃଦ୍ଧି ପାଇବ । ମନ ଭଲ ରହିବ ।


**ମକର:** କର୍ମ ସଂସ୍ଥାନରେ ଉପରିସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ ହେବ । ନିଜର କର୍ତ୍ତବ୍ୟ ନିଷ୍ଠା ପ୍ରତିପାଦିତ କରିପାରିବେ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବାର ସୂଚନା ।


**କୁମ୍ଭ:** କର୍ମକ୍ଳାନ୍ତି ଅନୁଭବ କରିବେ । ଅସହଯୋଗର ମାତ୍ରା ବଢ଼ିବ । ମତାନ୍ତର ସୃଷ୍ଟି । ଏଣୁ ବିଶ୍ରାମ ଶ୍ରେୟ ଜ୍ଞାନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ପ୍ରାପ୍ତ ହେବାର ସୂଚନା । ଦେହ ଭଲ ରହିବ ।


**ମୀନ:** କର୍ମ ବ୍ୟସ୍ତତା ମଧ୍ୟରେ ସାରା ଦିନ ରହିବେ । ଦୂରଯାତ୍ରା କରିପାରନ୍ତି । ସମୟାନୁବର୍ତ୍ତିତା ହେତୁ ଉପବାସରେ ଦିନ କାଟିବେ । ଆୟରେ ବାଧାର ସମ୍ଭାବନା । ପରିବାରରେ ସୁଖ ପ୍ରାପ୍ତି ହେବ। ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୬।୧୨।୨୦୨୪, ପୌଷ ଦି୧୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୧୯।୨୪ ଚନ୍ଦ୍ରୋଦୟ- ରାଘ ୨।୫୫।୧୦**

**ଏକାଦଶୀ-** ରାଘ ୧୧।୪୪ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ସଂଘ ୬।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୧୨।୪୪ ଗତେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୩ ଗତେ ଘ ୭।୪୯ ମଧ୍ୟେ । ସଂଘ ୬।୦୫ ଗତେ ରାଘ ୯।୩୬ ମଧ୍ୟେ । **ପର୍ବୋତ୍ସବ -** ସଫଳା ଏକାଦଶୀ ।

30 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
# ସମ୍ବାଦ କଳିକା
The Sambad Kalika
e-paper www.sambadkalika.in
E-mail : sambadkalikanews@gmail.com
TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008
The Only ISO Certified
Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୩୨୬ ● ୨୫ ଡିସେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-326 ● 25th December 2024, Wednesday ● Bhubaneswar | Licensed to post without pre-payment of postage No- BN-60/25-27

## ଜାନୁଆରୀ ୮ରେ ଗୋଟିଏ ଦେଶ , ଗୋଟିଏ ନିର୍ବାଚନ ସମ୍ପର୍କିତ ଜେପିସିର ପ୍ରଥମ ବୈଠକ

**ନୂଆଦିଲ୍ଲୀ, ୨୪।୧୨**

ଆସନ୍ତା ଜାନୁଆରୀ ମାସ ୮ ତାରିଖରେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସମ୍ବନ୍ଧୀୟ ଦୁଇଟି ବିଲ୍ ଉପରେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ୩୯ ଜଣିଆ କମିଟିରେ ଲୋକସଭାର ୨୭ ଜଣ ଓ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି। ଆସନ୍ତା ସଂସଦ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ସୁଦ୍ଧା ଏହି କମିଟି ଗୃହକୁ ରିପୋର୍ଟ ପ୍ରଦାନ କରିବ।




କମିଟିରେ ବିଜେପି ନେତା ପିପି ଚୌଧୁରୀ, ଅନୁରାଗ ସିଂହ ଠାକୁର ଏବଂ ପୁରୁଷୋତ୍ତମଭାଇ ରୂପାଲା ରହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଓ ମନୀଷ ତିୱାରୀ, ଟିଏମସିର କଲ୍ୟାଣ ବାନାର୍ଜୀ, ଲୋକସଭାର ଅନ୍ୟମାନଙ୍କ ମଧ୍ୟରେ ଏନସିପି (ଏସପି)ର ସୁପ୍ରିୟା ସୁଲେ ସଦସ୍ୟ ଅଛନ୍ତି। ରାଜ୍ୟସଭାରୁ ଘନଶ୍ୟାମ ତିୱାରୀ, ଭୁବନେଶ୍ୱର କଳିତା ଓ କେ ଲକ୍ଷ୍ମଣ, ରଣଦୀପ ସିଂହ ସୁରଜେୱାଲା ଓ କଂଗ୍ରେସର ମୁକୁଲ ବାଳକୃଷ୍ଣ ୱାସନିକ୍, ଜେଡିୟୁର ସଞ୍ଜୟ କୁମାର ଝା, ଅନ୍ୟମାନଙ୍କ ମଧ୍ୟରେ ୱାଇଏସଆର କଂଗ୍ରେସର ଭି ବିଜୟସାଇ ରେଡ୍ଡୀ ସଂସଦୀୟ କମିଟିର ସଦସ୍ୟ ଅଛନ୍ତି। ଏହି ବିଲ୍ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍, ୨୦୨୪ ନାମରେ ନାମିତ କରାଯାଇଛି।

## ହରିବାବୁ କମ୍ଭମପତି ଓଡ଼ିଶାର ନୂଆ ରାଜ୍ୟପାଳ

**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନୂଆ ରାଜ୍ୟପାଳ ନିଯୁକ୍ତ ହେଲେ ହରିବାବୁ କମ୍ଭମପତି । ଏହାପୂର୍ବରୁ ମିଜୋରାମର ରାଜ୍ୟପାଳ ଥିଲେ । ରଘୁବର ଦାସଙ୍କ ସ୍ଥାନ ନେବେ ହରିବାବୁ । ପୂର୍ବରୁ ଆନ୍ଧ୍ରରେ ବିଜେପି ରାଜ୍ୟ ସଭାପତି ଥିଲେ । ୨୦୧୪ରେ ବିଶାଖାପାଟଣାରୁ ଲୋକସଭାକୁ ନିର୍ବାଚିତ ମଧ୍ୟ ହୋଇଥିଲେ। ଉଲ୍ଲେଖଥାଉ କି ଜୁଲାଇ, ୨୦୨୧ରେ ତାଙ୍କୁ ମିଜୋରାମ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ୨୦୧୪ ମସିହାରେ ଲୋକସଭା ନିର୍ବାଚନରେ ସେ ବିଜେପି ଟିକେଟରେ ବିଶାଖାପାଟଣାରୁ ନିର୍ବାଚନ ଲଢ଼ିଥିଲେ। ସେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ ଜଗନ ମୋହନ ରେଡ୍ଡୀଙ୍କ ମା ତଥା ରାଜଶେଖର ରେଡ୍ଡୀଙ୍କ ପତ୍ନୀ ୱାଇ ଏସ ବିଜୟାମ୍ମାଙ୍କୁ ପରାସ୍ତ କରିଥିଲେ।



ସେହିପରି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ରଘୁବର ଦାସ ଇସ୍ତଫା ଦେଇଥିବାବେଳେ ତାହାକୁ ମଞ୍ଜୁର କରାଯାଇଛି। ସେହିପରି ଜେନେରାଲ ଭିକେ ସିଂହଙ୍କୁ ମିଜୋରାମ ରାଜ୍ୟପାଳ, ବିହାର ରାଜ୍ୟପାଳ ଥିବା ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ କେରଳର ରାଜ୍ୟପାଳ, କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ସେହିପରି ଅଜୟ କୁମାର ଭଲଲାଙ୍କୁ ମଣିପୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି।

## ପିଲିଭିତ ଏନକାଉଣ୍ଟରର ପ୍ରତିଶୋଧ ମହାକୁମ୍ଭରେ ନେବୁ: ପନ୍ନୁଙ୍କ ଧମକ

**ଲକ୍ଷ୍ନୌ, ୨୪।୧୨**

ଉତ୍ତରପ୍ରଦେଶର ପିଲିଭିତରେ ଗୋଟିଏ ଦିନ ପୂର୍ବରୁ ୩ଜଣ ଖାଲିସ୍ତାନୀ ଆତଙ୍କବାଦୀଙ୍କ ଏନକାଉଣ୍ଟର ପରେ ଆମେରିକାରେ ଥିବା ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପନ୍ତ ସିଂ ପନ୍ନୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ପ୍ରତିଶୋଧ ନେବେ ବୋଲି ଧମକ ଦେଇଛନ୍ତି। ପ୍ରୟାଗରାଜରେ ହେବାକୁ ଥିବା ମହାକୁମ୍ଭ ମେଳାରେ ପନ୍ନୁ ପ୍ରତିଶୋଧ ନେବାକୁ ଚେତାବନୀ ଦେଇଛନ୍ତି। ମୃତ ଆତଙ୍କବାଦୀଙ୍କ ପରିବାରକୁ ସେ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିବା ସହିତ ଏକ ଅଲଗା ଖାଲିସ୍ତାନ ଗଠନ ପାଇଁ ଦାବି କରିଛନ୍ତି ।

ନିଷିଦ୍ଧ ସଂଗଠନ ଶିଖ ଫର ଜଷ୍ଟିସ (ଏସଏଫଜେ)ର ଗୁରୁପନ୍ତ ସିଂ ପନ୍ନୁ ଏକ ଭିଡିଓ ରିଲିଜ କରି ଏଭଳି ଧମକ ଦେଇଛନ୍ତି।



ସେ ଖୋଲାଖୋଲି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ମହାକୁମ୍ଭ ୨୦୨୫ ହିନ୍ଦୁତ୍ୱର ଶେଷ ମହାକୁମ୍ଭ ହେବ।

ପନ୍ନୁ ଭିଡିଓରେ ଧମକ ଦେଇ କହିଛନ୍ତି ମହାକୁମ୍ଭରେ ୩ଟି ତାରିଖରେ ପ୍ରତିଶୋଧ ନେବେ। ସେଥିମଧ୍ୟରୁ ୧୪ ଜାନୁୟାରୀ ୨୦୨୫ରେ ମକର ସଂକ୍ରାନ୍ତିରେ ପ୍ରଥମ ଶାହି ସ୍ନାନ, ୨୯ ଜାନୁୟାରୀ ୨୦୨୫ରେ ମୌନୀ ଅମାବାସ୍ୟାରେ ଦ୍ୱିତୀୟ ଶାହି ସ୍ନାନ ଏବଂ ୩ ଫେବୃଆରୀ ୨୦୨୫ ରେ ବସନ୍ତ ପଞ୍ଚମୀର ହେବାକୁ ଥିବା ତୃତୀୟ ଶାହି ସ୍ନାନରେ ସେ ପ୍ରତିଶୋଧ ନେବାକୁ ଧମକ ଦେଇଛି।

ସୂଚନାଯୋଗ୍ୟ ଗୋଟିଏ ଦିନ ପୂର୍ବରୁ ପଞ୍ଜାବରେ ଗ୍ରେନେଡ ଆକ୍ରମଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଖାଲିସ୍ତାନୀ ଆତଙ୍କବାଦୀଙ୍କୁ ପିଲିଭିତ୍‌ରେ ଏକ ଏନକାଉଣ୍ଟରରେ ହତ୍ୟା କରାଯାଇଥିଲା। ସୋମବାର ସକାଳେ ୟୁପି ପୁଲିସ ଏବଂ ପଞ୍ଜାବ ପୁଲିସର ମିଳିତ ଅପରେସନରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଏହି ତିନି ଆତଙ୍କବାଦୀ ଖାଲିସ୍ତାନୀ କମାଣ୍ଡୋ ଫୋର୍ସର ସଦସ୍ୟ ଥିଲେ। ସେମାନଙ୍କଠାରୁ ଦୁଇଟି ଏକେ-୪୭ ସମେତ *(ପୃଷ୍ଠା ୭ରେ)*

## ପାରାଦୀପ ବନ୍ଦରରୁ ୨ଟି ସନ୍ଦିଗ୍ଧ ପାରା ଉଦ୍ଧାର

**ପାରାଦୀପ, ୨୪।୧୨**
**ନ୍ୟୁଜ୍ ବ୍ୟୁରୋ**

ପାରାଦୀପ ବନ୍ଦର ପିଆଇସିଟି ବର୍ଥରୁ ୨ଟି ସନ୍ଦିଗ୍ଧ ପାରା ଉଦ୍ଧାର କରାଯାଇଛି। ସେମାନଙ୍କ ଗୋଡ଼ରେ ବନ୍ଧା ହୋଇଛି ଦୁଇଟି ବେଲ୍ଟ। ଯେଉଁଥିରେ ବିଦେଶୀ ଭାଷାରେ କିଛି ଲେଖା ହୋଇଥିବା ମଧ୍ୟ ଜଣାପଡିଛି। ଏମଭି ଫାଷ୍ଟ ମାଜୁରୋ ଜାହାଜରେ ପାରା ଦୁଇଟି ବସିଥିଲେ । ତେବେ ଏମାନେ ରେସିଂ ପାରା ମଧ୍ୟ ହୋଇଥାଇପାରନ୍ତି ବୋଲି ସନ୍ଦେହ କରୁଛି ପୁଲିସ।

ଏମଭି ଫାଷ୍ଟ ମାଜୁରୋ ଜାହାଜରୁ ପାରାଦୀପ ସାମୁଦ୍ରିକ ଥାନା ପୁଲିସ ପାରା ଦୁଇଟିକୁ ଉଦ୍ଧାର କରି କୁଜଙ୍ଗ ବନ ବିଭାଗକୁ ହସ୍ତାନ୍ତର କରିଛି । ଦୁଇ ପାରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଅବଜର୍ଭେସନରେ ରଖାଯାଇଛି ବୋଲି *(ପୃଷ୍ଠା ୭ରେ)*

## ଇସ୍ତଫା ଦେଲେ ରଘୁବର ଦାସ : ରାଜନୀତିକୁ ପୁଣି ଫେରିବେ !

**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି ରଘୁବର ଦାସ। ତାଙ୍କ ସ୍ଥାନରେ ହରିବାବୁ କମ୍ଭମପତି ନୂଆ ରାଜ୍ୟପାଳ ନିଯୁକ୍ତି ହୋଇଛନ୍ତି । ରଘୁବରଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ପଠାଇଛନ୍ତି । ତେବେ ରଘୁବରଙ୍କ ଇସ୍ତଫା ପରେ ଓଡ଼ିଶା ରାଜନୀତି ସରଗରମ ହୋଇ ଉଠିଛି। ରଘୁବର ୨୦୨୩ରେ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଥିବାବେଳେ ହଠାତ ସେ ଇସ୍ତଫା ଦେବା ଚର୍ଚ୍ଚାର ଖୋରାକ ଯୋଗାଇଛି। କୁହାଯାଉଛି ସେ ପୁଣି ରାଜନୀତିକୁ ଫେରି ପାରନ୍ତି।

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟପାଳ ଭାବେ ଇସ୍ତଫା



ଦେବା ପରେ ପୁଣି ଥରେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରଘୁବର ଝାଡଖଣ୍ଡ ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା । ସେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏଥିସହ ରଘୁବର ଦାସ ପାଞ୍ଚଥର ଜାମସେଦପୁର ପୂର୍ବର ବିଧାୟକ ହୋଇଛନ୍ତି। ଚଳିତ ଝାଡଖଣ୍ଡ ନିର୍ବାଚନରେ ସେ ପୁଣି ଝାଡଖଣ୍ଡ ନିର୍ବାଚନକୁ ଫେରିବା ନେଇ ଚର୍ଚ୍ଚାରେ ରହିଥିଲେ। ନିର୍ବାଚନ ପୂର୍ବରୁ ବହୁ ବରିଷ୍ଠ ନେତାଙ୍କ ସହ ତାଙ୍କ ସାକ୍ଷାତକାର ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଶେଷରେ ତାଙ୍କ ବୋହୂଙ୍କୁ ଟିକେଟ ମିଳିଥିଲା।

ପୂର୍ବ ରାଜ୍ୟପାଳ ରଘୁବର ଦାସ ପୁଣି ଚର୍ଚ୍ଚାରେ ଆସିଥିଲେ। ଯେତେବେଳେ ତାଙ୍କ ପୁଅ ପୁରୀରେ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ ମାରିଥିଲେ। ସେତେବେଳେ ଏହି ଘଟଣା ରାଜ୍ୟ ରାଜନୀତିକୁ ହଲଚଲ କରିଦେଇଥିଲା । ଏହି ଘଟଣାକୁ ନେଇ ଉଭୟ ଶାସକ-ବିରୋଧୀ ମୁହାଁମୁହିଁ ହୋଇଥିଲେ।



ସତ୍ୟମେବ ଜୟତେ
'ପବିତ୍ର ବଡ଼ଦିନ' ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା
ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।
(ରଘୁବର ଦାସ)

DADLS-70

ଓଡ଼ିଶା ସରକାର

ବଡ଼ଦିନ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏକ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।
ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR : 15001/13/0328/2425

30 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି। ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ଯୋଗମାୟା ଯାଜ୍ଞସେନୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସରିଯାଇଛି ମହାଭାରତର ମହାସମର। ନିସ୍ତବ୍ଧ ହୋଇ ଉଠିଛି କୁରୁକ୍ଷେତ୍ର। ଶୋକାତୁରା ପରିଜନଙ୍କର ବିଳାପ ଆଉ ସେଠାରୁ ଶୁଭୁନାହିଁ। ହସ୍ତିନାନଗରୀର ଚାରିଆଡ଼େ କେବଳ ହତାଶ ଓ ହା ହା କାରର ଭାବନା ଦେଖାଦେଇଛି। ସେଥିରେ ପୁଣି ରାଜରାଜେଶ୍ୱର ମୁକୁଟ ପିନ୍ଧିଛନ୍ତି ଧର୍ମରାଜ ଯୁଧିଷ୍ଠିର। ଅପ୍ରତ୍ୟାଶିତ ଭାବରେ ଏକ ଆବେଗ ଭରା ଦୃଶ୍ୟ ଦେଖାଗଲା ରାଜମୁକୁଟ ପିନ୍ଧିବା ଦିନର ମଧ୍ୟରାତ୍ରରେ। ସେତେବେଳେ ହସ୍ତିନାର ରାଜସିଂହାସନରେ ବସିଥିଲେ ମହାରାଣୀ ଦ୍ରୌପଦୀ ଓ ତାଙ୍କ ପାଦ ମଞ୍ଜାଳୁ ଥିଲେ ଧର୍ମରାଜ ଯୁଧିଷ୍ଠିର। ଅପୂର୍ବ ଥିଲା ସେ ଦୃଶ୍ୟ। ଆଉ ସେହି ଦୃଶ୍ୟକୁ ଦେଖୁଥିଲେ ଦ୍ୱିତୀୟ ପାଣ୍ଡବ ମହାବଳଶାଳୀ ଭୀମ। ବିସ୍ଫାରିତ ଚକ୍ଷୁରେ ସେ କେବଳ ଚାହିଁ ରହିଥିଲେ। ଆଉ ଭାବୁଥିଲେ ସମଗ୍ର ଜମ୍ବୁଦ୍ୱୀପର ରାଜରାଜେଶ୍ୱର ହସ୍ତିନାଧିପତି ଯୁଧିଷ୍ଠିର ଆଜି କ'ଣ କରୁଛନ୍ତି ? ଦ୍ରୌପଦୀ ତ ପାଣ୍ଡବମାନଙ୍କର ସ୍ତ୍ରୀ। କ'ଣ ଏହାର କାରଣ ? କାହିଁକି ସେ ଏପରି କରୁଛନ୍ତି ? ଦୌଡ଼ିଗଲେ ସେ ମାତା କୁନ୍ତୀଙ୍କ ନିକଟକୁ ଓ ବିସ୍ତାରିତ ଭାବେ ଦେଖିଥିବା ସମସ୍ତ ବୃତ୍ତାନ୍ତ ତାଙ୍କ ଆଗରେ କହିଗଲେ। ମାତା କୁନ୍ତୀ ଏକଥା ଶୁଣି କେବଳ ନୀରବ ରହିଲେ। ଏହାର କାରଣ କ'ଣ ଜାଣିବା ପାଇଁ ତାଙ୍କ ମନରେ ବି ଉତ୍କଣ୍ଠା ଆସିଲା। ପୁତ୍ର ଯୁଧିଷ୍ଠିର ଓ ପୁତ୍ରବଧୂ ଦ୍ରୌପଦୀଙ୍କୁ ଏକଥା ପଚାରିବାକୁ ତାଙ୍କର ମନ ବଳିଲା ନାହିଁ। ଶେଷରେ ସେମାନେ ଚାଲିଲେ ଶ୍ରୀକୃଷ୍ଣଙ୍କ ପାଖକୁ। ସେତେବେଳେ ହସ୍ତିନାରେ ଉପସ୍ଥିତ ଥିଲେ ଶ୍ରୀକୃଷ୍ଣ। ମଧ୍ୟରାତ୍ରୀରେ ମଧ୍ୟ ତାଙ୍କ ଚକ୍ଷୁରେ ନିଦ୍ରା ନଥିଲା। ଅବିଚଳିତ ଭାବରେ ପଦଚାଳନା କରୁଥିଲେ ସେ ଗୃହ ମଧ୍ୟରେ। ସମ୍ଭବତଃ ଯୁଦ୍ଧର ବିନାଶ କଥା ତାଙ୍କ ମନରେ ଭାସି ଉଠୁଥିଲା ? ଏହି ସମୟରେ ଦ୍ୱାରଦେଶରେ ପିଉସୀ କୁନ୍ତୀ ଓ ଦ୍ୱିତୀୟ ପାଣ୍ଡବ ଭୀମଙ୍କୁ ଦେଖି କୋଠରି ମଧ୍ୟକୁ ଡାକିନେଇ ଆସିବାର କାରଣ ପଚାରିଥିଲେ। ସମସ୍ତ ଘଟଣା ମାତାପୁତ୍ରଙ୍କଠାରୁ ଶୁଣି ତାଙ୍କ ଋଙ୍ଗାଧରରେ ହସ ଫୁଟି ଉଠିଲା। ପରଦିନର ମଧ୍ୟରାତ୍ର ବେଳେ ଯମୁନା କୂଳସ୍ଥ ଏକ ନିର୍ଦ୍ଦିଷ୍ଟ ପିପ୍ପଳ ଗଛ ଉପରେ ଥାଇ ତଳେ ଘଟିଯାଉଥିବା ଘଟଣା ସମୂହର ବିସ୍ତୃତ ବିବରଣୀ ଆଣି ଦେବା ନିମନ୍ତେ ଭୀମଙ୍କୁ ଆଦେଶ ଦେଲେ। "ଯଥା ଆଜ୍ଞା" କହି ଭୀମ ଓ ମାତା କୁନ୍ତୀ ସେଠାରୁ ଫେରିଆସିଲେ। ପରଦିନର ମଧ୍ୟରାତ୍ରୀରେ ଭୀମ ଯମୁନା କୂଳର ନିର୍ଦ୍ଦିଷ୍ଟ ବୃକ୍ଷ ଉପରେ ଉତ୍କଣ୍ଠାର ସହିତ ତଳକୁ ଚାହିଁ ବସି ରହିଲେ। ମଧ୍ୟରାତ୍ରୀରେ ସେ ଦେଖିଲେ ଯେ ଦ୍ରୌପଦୀ ସଂହାରରୂପିଣୀ ମହାକାଳୀ ରୂପରେ ଚଉଷଠୀ ଯୋଗିନୀ ପରିବୃତ୍ତା ହୋଇ ସେହି ବୃକ୍ଷମୂଳକୁ ମାଡ଼ି ଆସୁଛନ୍ତି। ମୁକ୍ତକେଶିନୀ ଦ୍ରୌପଦୀ ହସ୍ତରେ ଧରିଥିଲେ ଖଣ୍ଡା ଓ ଖର୍ପର। ଆଉ ଦେହ ଥିଲା ତାଙ୍କର ସମ୍ପୂର୍ଣ୍ଣ ଉଲଗ୍ନ। ସଙ୍ଗରେ ଆସୁଥିବା ଚଉଷଠୀ ଯୋଗିନୀଙ୍କ କିଳିକିଳା ନାଦ ଓ ଗର୍ଜନରେ ମୁଖରିତ ହେଉଥିଲା ସମଗ୍ର ତଟଭୂମି। ସେହି ଗଛମୂଳରେ ଦ୍ରୌପଦୀଙ୍କୁ ଘେରି ସମସ୍ତେ ବସି ରହିଲେ। ତାଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ଯୋଗିନୀ ନିଜ ନିଜର ବଳୟ ଭିତରେ ସେହିଦିନ ହୋଇଥିବା ଅଘଟଣ ଆଉ ଜୀବ ଜନ୍ମ ଓ ମୃତ୍ୟୁର ହିସାବ ଜଣଙ୍କ ପରେ ଜଣେ କହି ଚାଲିଥିଲେ। ଆଉ ସବୁ ଶୁଣୁଥିଲେ ଦ୍ରୌପଦୀ। କଥା ମଧ୍ୟରେ ହଠାତ୍ କଠୋର ହୋଇ ଉଠିଲେ ଦ୍ରୌପଦୀ। ଆଉ ପଚାରିଲେ "ଆରେ ! ସେ ଭୀମ ଗଲା କୁଆଡ଼େ ? ଆଜି ହିଁ ତାହାର ତ ଥିଲା ମୃତ୍ୟୁର ଦିନ।" ଏତିକି ଶୁଣି ଗଛ ଉପରେ ବସିଥିବା ଭୀମସେନ, ତତ୍‌କ୍ଷଣାତ୍ ତଳକୁ ଲମ୍ଫ ପ୍ରଦାନ କରି ବାୟୁ ବେଗରେ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚି ମଧ୍ୟରାତ୍ରୀରେ ଦେଖିଥିବା ସମସ୍ତ ବୃତ୍ତାନ୍ତ ବଖାଣିଥିଲେ। ପୁଣି କହିଥିଲେ "ଯଦି ମୁଁ ସେଠାରୁ ଚାଲି ନଆସିଥାନ୍ତି ଦ୍ରୌପଦୀ ମୋତେ ଆଜି ମାରି ଦେଇଥାନ୍ତା।" ସମସ୍ତ କଥା ଶୁଣିବା ପରେ ପ୍ରଭୁ କେବଳ ହସିଥିଲେ। ଆଉ ଉତ୍ତର ଦେଲେ, "ଦ୍ରୌପଦୀ ହେଉଛନ୍ତି ମୋର ମହାଶକ୍ତି। ମୁଁ କୃଷ୍ଣ ନାମରେ ପରିଚିତ ହୋଇଥିବାବେଳେ ସେ କୃଷ୍ଣା। ମୋର ସମସ୍ତ ଇଚ୍ଛାକୁ ସେ ହିଁ ପୂରଣ କରିଥାନ୍ତି। ମହାଭାରତ ମହାସମରରେ ମୁଁ ମହାନାୟକ ଥିବାବେଳେ ସେ ମହାନାୟିକା। ଯଜ୍ଞରୁ ତାଙ୍କର ଉତ୍ପତ୍ତି ହେତୁ ସେ ଅଯୋନୀସମ୍ଭୂତା। ଜଣେ ଅଯୋନୀସମ୍ଭୂତା କ'ଣ କେବେହେଲେ ଯୋନୀସମ୍ଭୂତ ପାଣ୍ଡବମାନଙ୍କର ସ୍ତ୍ରୀ ହୋଇପାରେ ? କେବଳ ସେହି ମହାଶକ୍ତିର ଛାୟା ତଳେ ତୁମେ ପାଞ୍ଚ ଭ୍ରାତା ରହିଯାଇଥିବାରୁ ଦୁର୍ଯ୍ୟୋଧନ ରଚିଥିବା ବିନାଶର କୌଣସି କୌଶଳ ତୁମ ଉପରେ ପଡ଼ିପାରିଲା ନାହିଁ।"

ମାତ୍ର କାବ୍ୟକାରମାନେ ସେହି ଅଯୋନୀସମ୍ଭୂତା ଯାଜ୍ଞସେନୀଙ୍କୁ ପାଣ୍ଡବମାନଙ୍କର ସ୍ତ୍ରୀ ଭାବରେ ବର୍ଣ୍ଣନା କରିଛନ୍ତି। କେତେ କାବ୍ୟ କବିତା ଏହା ଉପରେ କେତେ ଭାଷାରେ ଯେ ଲେଖାଯାଇଛି ତାହାର ସୀମା ନାହିଁ। ମାତ୍ର ଯାଜ୍ଞସେନୀ ଦ୍ରୌପଦୀ ଶ୍ରୀକୃଷ୍ଣଙ୍କର ଯେ ମହାଶକ୍ତି ଏହା ପ୍ରାୟତଃ ଲୋକମାନଙ୍କ ମଧ୍ୟରେ ବିଶେଷ ପ୍ରଚାରିତ ନୁହେଁ। କାବ୍ୟିକମାନଙ୍କର ଲେଖାରେ ଅଛି ଯେ ଯେତେବେଳେ ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କୁ ଅଶ୍ୱତ୍ଥାମା ମାରିଦେଇଥିଲେ ଓ ଅର୍ଜୁନଙ୍କଦ୍ୱାରା ଧରାପଡ଼ି ସେ ମୃତ୍ୟୁଦଣ୍ଡ ପାଇବାର ଥିଲା, ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ଦ୍ରୌପଦୀଙ୍କ ନିକଟକୁ ପଠାଇଥିଲେ। ମାତ୍ର ଦ୍ରୌପଦୀ ଦେଖିଲେ ଯେ ଅଶ୍ୱତ୍ଥାମା ହେଉଛନ୍ତି ଗୁରୁ ଦ୍ରୋଣଙ୍କର ପୁତ୍ର ତଥା ବ୍ରାହ୍ମଣ। ସେଥିପାଇଁ ସେ ତାଙ୍କୁ ଅଭୟ ଦେଇ ଛାଡ଼ିଦେଇଥିଲେ। ମାତ୍ର ତାହା ମଥାରେ ଥିବା ମଣିକୁ ବାହାର କରି ନିଆଯାଇଥିଲା। ଏହା ହିଁ ଥିଲା ଯାଜ୍ଞସେନୀଙ୍କ ଚରିତ୍ର। କେବଳ ନାରୀ ଚରିତ୍ର ଦୟା ଓ କ୍ଷମାର ପ୍ରତିମୂର୍ତ୍ତି ବୋଲି ଦର୍ଶାଇବାକୁ ଯାଇ ବ୍ୟାଖ୍ୟାକାରମାନେ ଏପରି କହିଥାନ୍ତି। ପୁଣି ଶିବ ପୁରାଣରେ ବର୍ଣ୍ଣନା ଅଛି ଯେ ଅଶ୍ୱତ୍ଥାମା ଦ୍ରୋଣାଚାର୍ଯ୍ୟଙ୍କର ପୁତ୍ର ହେଲେ ମଧ୍ୟ ସେ କାମ, କ୍ରୋଧ, ଯମ ଓ ଭଗବାନଙ୍କ ଅବତାର। ଶିବ ପୁରାଣରେ ଶିବଙ୍କର ଆଠଟି ଅବତାର ମଧ୍ୟରୁ ଅଶ୍ୱତ୍ଥାମା ଅନ୍ୟତମ। ସେହି ଅବତାରମାନେ ହେଲେ (୧) ପିପ୍ପଲାଦ, (୨) ନନ୍ଦୀଶ୍ୱର, (୩) ବୀରଭଦ୍ର, (୪) ଭୈରବ, (୫) ଅଶ୍ୱତ୍ଥାମା, (୬) ଶରଭ (୭) ଗୃହପତି ଓ (୮) ଦୁର୍ବାସା। ଏହିଭଳି ଶିବଙ୍କର ଅନ୍ୟ ଅବତାର ସବୁର ବର୍ଣ୍ଣନା ବି ରହିଛି। ହନୁମାନ, ବୃଷଭାବତାର, ଯତିନାଥ, କୃଷ୍ଣ ଦର୍ଶନ, ଅବଧୂତ, ସୁରେଶ୍ୱର, କିରାଟ, ସୁନଟ ନକ, ବ୍ରହ୍ମଚାରୀ ଇତ୍ୟାଦି। ଶିବ ପୁରାଣରେ ଏହିସବୁ ଅବତାରମାନଙ୍କର ଆବିର୍ଭାବ ସମ୍ପର୍କର ବିସ୍ତୃତ ବିବରଣୀମାନ ଦେଖିବାକୁ ମିଳେ। ଗୁରୁ ଦ୍ରୋଣ ଭଗବାନ ଶଙ୍କରଙ୍କୁ ପୁତ୍ର ଭାବେ ପାଇବା ନିମନ୍ତେ ତପସ୍ୟା କରିଥିଲେ ଓ ଶଙ୍କରଙ୍କ ବରଦାନ ହେତୁ ପୁତ୍ର ରୂପେ ଅବତୀର୍ଣ୍ଣ ହୋଇଥିଲେ ସେ ଅଶ୍ୱତ୍ଥାମା ନାମରେ। ଆଜି ବି ଅଶ୍ୱତ୍ଥାମା ଅମର ବୋଲି ପ୍ରବାଦ ଅଛି। ଅଶ୍ୱତ୍ଥାମାର ଅର୍ଥ କେବଳ ଦୁଃଖ, କଷ୍ଟ ଓ ଦାରିଦ୍ର୍ୟ ଭାବେ ବିବେଚିତ ହେବା ପାଇଁ ଶ୍ରୀକୃଷ୍ଣ ଅଭିଶାପ ଦେଇଥିଲେ। ଏପରି ଗପ ସବୁ ମହାଭାରତ ଓ ଶିବ ପୁରାଣରେ କେବେଠାରୁ ଯୋଡ଼ି ହୋଇଯାଇଛି ତାହାର କାଳ ନିର୍ଣ୍ଣୟ ଅସମ୍ଭବ।

ପୁନଶ୍ଚ ପ୍ରଶ୍ନ ଆସେ ଯାଜ୍ଞସେନୀଙ୍କର ଏହି ଚଉଷଠୀ ଯୋଗିନୀ କେଉଁମାନେ ? ତାଙ୍କର କାର୍ଯ୍ୟ କ'ଣ ? ସେମାନେ କେଉଁଠାରେ ଘୂରି ବୁଲୁଥାନ୍ତି ? ଏହିପରି ବହୁତ ପ୍ରଶ୍ନ ମନକୁ ଆସିଥାଏ। ପ୍ରାଚୀନ କାଳରେ ପ୍ରତ୍ୟେକ ଦିନକୁ ୬୦ଭାଗରେ ବିଭକ୍ତ କରାଯାଇଥାଏ ଏବଂ ପ୍ରତି ଭାଗକୁ ଗୋଟିଏ ଲେଖା ଦଣ୍ଡ କହିଥାନ୍ତି। ଏହିପରି ଦିନଟି ୬୦ଭାଗରେ ବିଭକ୍ତ ହୋଇଥିଲାବେଳେ ତାହା ସହ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ମଧ୍ୟାହ୍ନ ଓ ମଧ୍ୟରାତ୍ରୀ ଏହିଭଳି ୪ଟି ଯୁଗ୍ମ ସମୟକୁ ମିଶାଇ ୬୪ ଭାଗ ହୋଇଥାଏ। ପ୍ରତ୍ୟେକ ଭାଗରେ ରହିଥାନ୍ତି ଜଣେ ଯୋଗିନୀ। ପୃଥିବୀର ମହାକର୍ଷଣ ଶକ୍ତି ବଳରେ ସେମାନେ ତା' କକ୍ଷର ଚାରିପଟେ ବୁଲିଥାନ୍ତି। ପ୍ରତ୍ୟେକ ଯୋଗିନୀ ସେମାନଙ୍କ ବଳୟ ମଧ୍ୟରେ ରହିଥିବା ସମୟରେ ସମସ୍ତ ପ୍ରକାରର ବିନାଶ ଘଟାଇଦିଅନ୍ତି। ସେଥିପାଇଁ ପ୍ରତ୍ୟେକ ଦିନର ପଞ୍ଜିକାରେ ଯୋଗିନୀର ସ୍ଥାନ କେଉଁଠାରେ ଅଛି ତାହା ମଧ୍ୟ ଲିପିବଦ୍ଧ କରାଯାଇଥାଏ ଏବଂ ଏହି ସମସ୍ତ ଯୋଗିନୀଙ୍କ ପରିଚାଳନା ଦାୟିତ୍ୱରେ ରହିଥାନ୍ତି ଯୋଗମାୟା ବା ମହାକାଳୀ। ତାଙ୍କରି ନିର୍ଦ୍ଦେଶରେ ସମଗ୍ର ଜଡ଼ ଓ ଜୀବଜଗତ ପରିଚାଳିତ ହୋଇଥାନ୍ତି। ଯୁଗ୍ମ ସମୟ ମଧ୍ୟରେ ଯେଉଁ ମୃତ୍ୟୁ ହୁଏ ତାହା ହିଁ ଥାଏ ସ୍ୱାଭାବିକ। ଅନ୍ୟ ସବୁକୁ କେବଳ ଅକାଳ ମୃତ୍ୟୁ ବୋଲି କୁହାଯାଏ। ଏପରି ବିଚାର ଯୋଗିନୀ ତନ୍ତ୍ରରେ ରହିଛି। ତେଣୁ ତାଙ୍କୁ ଆଧାର କରି ଜନ୍ମ, ମୃତ୍ୟୁ, ଶୁଭ ଓ ଅଶୁଭର ହିସାବ ପଞ୍ଜିକାରମାନେ କରିଥାନ୍ତି।

ପୁଣି ଯାଜ୍ଞସେନୀଙ୍କ ଆହୁରି ଏକ ଚମତ୍କାରିତା ମହାଭାରତରେ ଦେଖିବାକୁ ମିଳେ। ଥରେ ଋଷି ଦୁର୍ବାସା ବନବାସୀ ପାଣ୍ଡବମାନଙ୍କୁ ଅସୁବିଧାରେ ପକାଇବା ନିମନ୍ତେ ସେମାନେ ରହୁଥିବା ଅରଣ୍ୟରେ ପହଞ୍ଚି ଖାଦ୍ୟ ପେୟର ବ୍ୟବସ୍ଥା କରିବାକୁ ବଣ୍ୟ କୁଟୀରରେ ଏକାକିନୀ ଥିବା ଯାଜ୍ଞସେନୀଙ୍କୁ ନିର୍ଦ୍ଦେଶ ଦେଇ ନଦୀରେ ସ୍ନାନ କରିବା ନିମନ୍ତେ ଶିଷ୍ୟ ଗହଣରେ ଚାଲି ଯାଇଥିଲେ। କୁଟୀରରେ ସେତେବେଳେ କୌଣସି ରନ୍ଧା ଖାଦ୍ୟ ନଥିଲା। ରୋଷଶାଳାର ହାଣ୍ଡି ଥିଲା ସମ୍ପୂର୍ଣ୍ଣ ଖାଲି। ମାତ୍ର ସେହି ହାଣ୍ଡିରେ ଲାଗି ରହିଥିଲା କେତୋଟି ଅନ୍ନ। ନିରାଶ ଜର୍ଜରିତା ଦ୍ରୌପଦୀ ଦୁର୍ବାସାଙ୍କ କ୍ରୋଧରୁ ପାଣ୍ଡବମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣଙ୍କୁ ଆକୁଳ ନିବେଦନ କରିଥିଲେ। ତାଙ୍କ ପ୍ରାର୍ଥନାରେ ଆକର୍ଷିତ ହୋଇ ସେହି ଘୋର ଅରଣ୍ୟରେ ଆବିର୍ଭୂତ ହୋଇଥିଲେ ପ୍ରଭୁ। ହାଣ୍ଡିରେ ବଳକା ଥିବା ଗୋଟିଏ ମାତ୍ର ଅନ୍ନକୁ ନିଜେ ଉଦରସ୍ଥ କରି ସେଠାରୁ ସେ ଅଦୃଶ୍ୟ ହୋଇଗଲେ। ପରକ୍ଷଣରେ ଦେଖାଗଲା ଯେ ଦୁର୍ବାସା ଓ ତାଙ୍କ ଶିଷ୍ୟଗଣଙ୍କର ପେଟ ପୂରି ଯାଇଥିଲା ଓ ସେମାନେ ଆଉ ଦ୍ରୌପଦୀଙ୍କ ଆଶ୍ରମକୁ ଲଜ୍ଜାରେ ନଆସି ନଦୀକୂଳରୁ ନିଜ ଗନ୍ତବ୍ୟ ପଥରେ ଫେରିଯାଇଥିଲେ। ଭଗବାନ ଶ୍ରୀକୃଷ୍ଣ ଓ ଯାଜ୍ଞସେନୀଙ୍କ ସମ୍ପର୍କର ଚମତ୍କାରିତାକୁ ଏଠାରେ କେବଳ ଉଲ୍ଲେଖ କରାଯାଇଛି। କ୍ଷଣକୋପି ଦୁର୍ବାସା ଥିଲେ ଶିବଙ୍କ ଅବତାର। ସେପରି କ୍ଷଣକୋପୀମାନଙ୍କ ଅହଂକାରର ବିନାଶ ପାଇଁ ଏହା ମଧ୍ୟ ଜନସମାଜ ପ୍ରତି ଏକ ଚେତାବନୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପୁଣି ଆସିବା ଯାଜ୍ଞସେନୀଙ୍କ କୁରୁସଭାରେ ଘଟିଯାଇଥିବା ବିପର୍ଯ୍ୟୟକୁ। ତାଙ୍କର ବିପୁଳ ସୁଦୀର୍ଘ କେଶ ଗୁଚ୍ଛକୁ ଧରି ଦୁଃଶାସନ ତାଙ୍କୁ କୁରୁସଭାକୁ ଟାଣି ନେଇ ଆସିଥିଲା। ଆଉ ସେହି ସଭାରେ ତାଙ୍କୁ ଅପମାନିତ ଓ ଉଲଗ୍ନ କରିବା ନିମନ୍ତେ ସୀମାତୀତ କାର୍ଯ୍ୟ ସବୁ କରାଗଲା। ଯାହାକି ଥିଲା ନାରୀ ସମାଜ ପ୍ରତି ଘୋର ଅବିଚାର ତଥା କଠୋର ନିଷ୍ଠୁରତା। ସେତେବେଳେ ହସ୍ତିନାର ରାଜସିଂହାସନରେ ଅଧିଷ୍ଠିତ ଥିଲେ ଅନ୍ଧ ଧୃତରାଷ୍ଟ୍ର। ରାଷ୍ଟ୍ରର ଶାସନକୁ ଧରି ରଖିବା ପାଇଁ ଯେତେପ୍ରକାରର ଅନୈତିକ ପାପକାର୍ଯ୍ୟ କରାଯାଉଥିଲା ସେଥିପ୍ରତି ସେ ଆଖି ବୁଜି ଦେଉଥିଲେ ଓ ସେତେବେଳେ ପୁତ୍ର ଦୁଃଶାସନ ହିଁ ଏହି ସମସ୍ତ ଅପକର୍ମର ମୁଖ୍ୟ ବିନ୍ଧାଣୀ ଥିଲା। ଶାସକ ଯଦି ଅନ୍ଧ ଭଳି ପୁତ୍ରମାନଙ୍କର ସମସ୍ତ ଅପକର୍ମକୁ ସହଯୋଗ କରୁଥିଲା ସେତେବେଳେ ସେହି ଶାସନ ନିଶ୍ଚିତ ଭାବରେ ଥିଲା ପ୍ରଜାପୀଡ଼କ ତଥା ଦୁଃଖଦାୟକ। ମାତ୍ର ଯାଜ୍ଞସେନୀଙ୍କୁ ଅପମାନିତ କରିବା ପାଇଁ କୁରୁକୁଳ ଯେତେ ଚେଷ୍ଟା କରିଥିଲେ ମଧ୍ୟ ପ୍ରଭୁଙ୍କ କୃପାରୁ ତାହା ହୋଇପାରିଲା ନାହିଁ। ଯେତେବେଳେ ଦ୍ରୌପଦୀ ଦୁଇ ହାତ ଉପରକୁ ଟେକି ନିଜକୁ ତାଙ୍କ ନିକଟରେ ସମର୍ପିତ କରିଦେଲେ ସେତେବେଳେ ହିଁ ସେ ସାହାଯ୍ୟ କରିବା ପାଇଁ ଚାଲି ଆସିଥିଲେ। ଏହା ଥିଲା ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣର ଭାବନା। ଅନ୍ଧ ଧୃଷ୍ଟରାଷ୍ଟ୍ର ଓ ଦୁଃଶାସନ ଭଳି ଅହଂକାରୀ ଓ ପ୍ରଜାପୀଡ଼କ ଶାସକମାନଙ୍କ ପ୍ରତି ଥିଲା କଠୋର ଚେତାବନୀ। ସେହି ଅନ୍ଧ ଧୃଷ୍ଟରାଷ୍ଟ୍ରର ଶତପୁତ୍ର ଥିଲେ ପ୍ରଜାପୀଡ଼କ ଓ ରାଷ୍ଟ୍ରରେ ମଧ୍ୟ ସେହିଭଳି ଶାସନ ଚାଲୁଥିଲା। ସମସ୍ତ ପୁତ୍ରମାନଙ୍କ ନାମ 'ଦୁଃ' ବା ଦୁଃଖଦାୟକରୁ ହିଁ ଆରମ୍ଭ ହୋଇଥିଲା ଓ ଶେଷ ପୁତ୍ରୀର ନାମ ଥିଲା ଦୁଃଶୀଳା। କେବଳ ସାରଳା ମହାଭାରତରେ କୌରବ ପୁତ୍ରମାନଙ୍କର ନାମ ପୂର୍ବରୁ 'ଦୁଃ' ଥିବାର ଦେଖାଯାଏ, ଅନ୍ୟତ୍ର ନାହିଁ। ମହାଭାରତର ଏପରି ଗପସବୁ ସମାଜକୁ ଚେତାବନୀ ଦେଉଥିବାବେଳେ ଅଯୋନୀସମ୍ଭୂତା ଯାଜ୍ଞସେନୀଙ୍କର ସ୍ଥାନ କେଉଁଠି ? ଯିଏ ଥିଲେ ଅଯୋନୀ ସମ୍ଭୂତା ଓ ମହାକାଳଙ୍କର ମହାଶକ୍ତି ସେ ପୁଣି ଯୋନୀସମ୍ଭୂତ ପାଣ୍ଡବମାନଙ୍କ ସହିତ କିଭଳି ସମ୍ପର୍କ ରକ୍ଷା କରିପାରୁଥିଲେ ? ସେପରି ଅର୍ଥରେ ପାଣ୍ଡବମାନେ କିଏ ତାହାର ମଧ୍ୟ ସମୀକ୍ଷା ଆବଶ୍ୟକ। ସମାଜରେ ଚେତନା ସୃଷ୍ଟି କରିବା ପାଇଁ ଯାଜ୍ଞସେନୀ ଶବ୍ଦର ବ୍ୟବହାର ହୋଇଥିବାବେଳେ ଅନ୍ୟ ଅର୍ଥରେ ସେ ଥିଲେ ଶ୍ରୀକୃଷ୍ଣଙ୍କ ମହାଶକ୍ତି ମହାମାୟା ବା ଯୋଗମାୟା। ସମସ୍ତ ଜୀବଜଗତରେ ସେ ସଂହାରିଣୀ ଓ ସୃଷ୍ଟିକର୍ତ୍ତ୍ରୀ ମଧ୍ୟ।

# ପ୍ରଭୁଯୀଶୁଙ୍କ ଜନ୍ମ ସଭିଙ୍କ ପାଇଁ



ରେଭରେଣ୍ଡ ହରିଶ ଚନ୍ଦ୍ର ଅରିଶଲ୍ୟ
ଅହମ୍ମଦାବାଦ୍, ଗୁଜୁରାଟ
ମୋ-୯୪୯୪୭୮୨୭୭୭

ପ୍ରଭୁଯୀଶୁ ଖ୍ରୀଷ୍ଟ ଡିସେମ୍ବର ୨୫ ତାରିଖରେ ଜନ୍ମ ଗ୍ରହଣ କରିଥିବା ରେକର୍ଡ ବାଇବଲରେ ଲେଖା ହୋଇନାହିଁ। କିନ୍ତୁ ତାହାଙ୍କ ଜନ୍ମ ବୃତ୍ତାନ୍ତ ଲିପିବଦ୍ଧ ହୋଇଛି। ବାଇବଲ କୁହେ :- ଜନଗଣନାରୁ ଗୁହାଳ କୁଣ୍ଡ :- ସେହି ସମୟରେ କାଇସର ସମ୍ରାଟ ଜନଗଣନା ପାଇଁ ଯୋଜନା ଓ ଆଦେଶ ଦେଇଥିଲେ। ଏହା ପ୍ରଥମ ଜନଗଣନା ଥିଲା। ଲୋକମାନେ ଜନଗଣନା ନିମନ୍ତେ ଯାଇଥାନ୍ତି। ଯୋଶେଫ ମଧ୍ୟ ଦାଉଦ ନଗରୀକୁ ନାମ ଲେଖାଇବା ପାଇଁ ବାହାରିଲେ। ଉଲ୍ଲେଖ ଯୋଗ୍ୟ, ଯୋଶେଫ ଦାଉଦ ରାଜାଙ୍କ ପରିବାରରୁ ଆସଥିବା ସେହି ସମୟରେ ସେ ମରିୟମଙ୍କ ସହିତ ନିର୍ବନ୍ଧ ହୋଇଥାନ୍ତି। ମରିୟମ ଗର୍ଭବତୀ ଥିଲେ ଏବଂ ପ୍ରସବ ସମୟ ଅତିନିକଟ ହୋଇଥାଏ କିନ୍ତୁ ସେମାନେ ରହିବା ପାଇଁ ଉପଯୁକ୍ତ ଘର କି ଆବାସ ସ୍ଥାନର ବ୍ୟବସ୍ଥା ନଥିଲା। ନିକଟରେ ଏକ ଗୁହାଳ କୁଣ୍ଡରେ ସେମାନେ ଆଶ୍ରୟ ନେଲେ ଏବଂ ରାତ୍ରୀ ଯାପନ କଲେ। ସେହି ଗୁହାଳ କୁଣ୍ଡରେ ମରିୟମ ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇ ଗୋଟିଏ ଲୁଗାରେ ଘୋଡାଇ ରଖିଥିଲେ।

ଈଶ୍ୱରଙ୍କ ଦୂତ ଓ ଶୁଭ ସମ୍ବାଦ :- ଠିକ୍ ସେହି ସମୟରେ ସେ ଅଞ୍ଚଳରେ ମେଷ ପାଳକମାନେ ସାରାରାତି ନିଜ ମେଷ ପଲକୁ ଜଗି ରହିଥାନ୍ତି। ଖୋଲା ଆକାଶ ତଳେ , ଆଶ୍ଚର୍ଯ୍ୟ କଥା, ହଠାତ୍ ଜଣେ ସ୍ୱର୍ଗ ଦୂତ ସେମାନଙ୍କ ମଧ୍ୟରେ ଠିଆ ହୋଇ ସ୍ପଷ୍ଟଭାବରେ ଘୋଷଣା କଲେ। ଘୋଷଣା କରିବା ପୂର୍ବରୁ ଈଶ୍ୱରଙ୍କ ମହିମା ମେଷ ପାଳକମାନଙ୍କ ଚାରିପଟେ ଘେରିଗଲା। ନିଶ୍ଚିତ ଭାବରେ ଏହା ଏକ ଭୟଙ୍କର ଘଟଣା ଏବଂ ମେଷ ପାଳକମାନେ ଭୟଭୀତ ହୋଇଥିଲେ। କିନ୍ତୁ ସ୍ୱର୍ଗଦୂତ ସେମାନଙ୍କୁ ଆଶ୍ୱାସନା ଏବଂ ଭରସା ଦେଇ କହିଲେ, ଭୟ କର ନାହିଁ, କାରଣ ମୁଁ ସମସ୍ତ ଲୋକଙ୍କ ନିମନ୍ତେ 'ଶୁଭ ସମ୍ବାଦ' ନେଇ ଆସିଛି।

ଶୁଭ ସମ୍ବାଦ : ସୁସମାଚାର : ଶୁଭବାର୍ତ୍ତା : ଗୁଡ୍ ନ୍ୟୁଜ କ'ଣ ?

"ଆଜି (୨୧୦୦ ହଜାରରୁ ଅଧିକ ବର୍ଷ) ଦାଉଦ ନଗରୀରେ ତ୍ରାଣକର୍ତ୍ତା, ଉଦ୍ଧାରକର୍ତ୍ତା, ମୁକ୍ତି ଦାତା ଜନ୍ମ ଗ୍ରହଣ କରିଛନ୍ତି। ନୂତନ ଧର୍ମ ଗୁରୁ ବା ନୂତନ ଧର୍ମ ଆରମ୍ଭ ହେଲା ବୋଲି ଦୂତ କହି ନାହାଁନ୍ତି। ଦୂତ ଘୋଷଣା କଲେ, "ଖ୍ରୀଷ୍ଟ" ଅର୍ଥାତ୍ ମଶୀହ ଅର୍ଥାତ୍ 'ଅଭିଷିକ୍ତ ଜଣକ' ଅର୍ଥାତ୍ "ଜଗତର ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ"। ଖ୍ରୀଷ୍ଟ ମାସର ସନ୍ଦେଶ ହେଉଛି, ' ପ୍ରଭୁ ଯୀଶୁଖ୍ରୀଷ୍ଟ ଜଗତର ତ୍ରାଣ କର୍ତ୍ତା। ପ୍ରଭୁ ଯୀଶୁଙ୍କ ଜନ୍ମ ସଭିଙ୍କ ପାଇଁ। କୌଣସି ଏକ ଧର୍ମ ପାଇଁ ପ୍ରଭୁଯୀଶୁ ଜନ୍ମ ଗ୍ରହଣ କରି ନଥିଲେ। ଯୀଶୁ ମନୁଷ୍ୟ ଜାତି ପାଇଁ- ଧର୍ମ ପ୍ରତିଷ୍ଠା ପାଇଁ ନୁହଁ।

ସ୍ୱର୍ଗୀୟ ଦୂତଙ୍କ ଉପାସନା, ବାଣୀ ଏବଂ ପ୍ରଶଂସାର ଧ୍ୱନୀ ଥିଲା :

"ଉର୍ଦ୍ଧ ଲୋକରେ ଈଶ୍ୱରଙ୍କ ମହିମା ପୁଣି ପୃଥିବୀରେ ମନୁଷ୍ୟ ମାନଙ୍କ ମଧ୍ୟରେ ଶାନ୍ତି ଓ ଈଶ୍ୱରଙ୍କ ସନ୍ତୋଷ"। ଏହାକୁ ବିଶ୍ଳେଷଣ କଲେ : ଈଶ୍ୱରଙ୍କ ମହିମା, ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି : ପ୍ରଭୁଯୀଶୁ 'ଶାନ୍ତି ରାଜା' : ମନୁଷ୍ୟ ମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନା ପାଇଁ ଏବଂ ମନୁଷ୍ୟ ଜୀବନରେ ଶାନ୍ତି ଦେବା ପାଇଁ ପ୍ରଭୁଯୀଶୁ ଜନ୍ମ ଗ୍ରହଣ କରିଥିଲେ।

ବାଇବଲ କୁହେ : "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସର ଥିଲେ, ବାକ୍ୟ ଈଶ୍ୱର ଥିଲେ"। ପୁଣି ସେହି ବାକ୍ୟ ଦେହବନ୍ତ ହେଲେ ଏବଂ ଆମ୍ଭମାନଙ୍କ ସହିତ ବାସ କଲେ"

ଜୀବନ୍ତ ଈଶ୍ୱରଙ୍କ ପ୍ରଥମ ଓ ଶେଷ ମନୁଷ୍ୟ ଅବତାର :- ବାଇବଲର ଯୋହନ ୩:୧ ଏବଂ ୧୪ରେ ଲେଖାଅଛି "ବାକ୍ୟ ଦେହବନ୍ତ ଅର୍ଥାତ୍ ଈଶ୍ୱର ମନୁଷ୍ୟ ଅବତାର ନେଇ ଆମ୍ଭମାନଙ୍କ ମଧ୍ୟରେ ଅର୍ଥାତ୍ ମନୁଷ୍ୟ ସମାଜରେ ବାସ କଲେ"। ପ୍ରଭୁ ଯୀଶୁଖ୍ରୀଷ୍ଟ ଈଶ୍ୱର ହୋଇ ମଧ୍ୟ ମନୁଷ୍ୟ ଅବତାର ନେଇ ଜନ୍ମ ଗ୍ରହଣ କଲେ। କାରଣ ବାଇବଲ କୁହେଁ, " ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ, ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବି ନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ"। ପୁଣି ବାଇବଲରେ ଲେଖା ଅଛି, "ଈଶ୍ୱର, ତାହାଙ୍କ ପୁତ୍ର, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ବିଚାର କରିବା ପାଇଁ ଜଗତକୁ ପଠାଇ ନ ଥିଲେ କିନ୍ତୁ ଉଦ୍ଧାର କରିବା ପାଇଁ, ମୁକ୍ତି ଓ ମୋକ୍ଷ ଦେବା ପାଇଁ ପଠାଇଥିଲେ"।

ଏହାହିଁ ମେରୀ ଖ୍ରୀଷ୍ଟମାସର ସୁସମ୍ବାଦ ମନୁଷ୍ୟ ଜାତି ପାଇଁ ।

ଖ୍ରୀଷ୍ଟ ମାସର ଆହ୍ୱାନ : ପ୍ରଭୁଯୀଶୁ ଖ୍ରୀଷ୍ଟ କହିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି। ପୁଣି ପ୍ରଭୁ ଯୀଶୁ ଆହ୍ୱାନ ଦେଇ କହୁଛନ୍ତି, "ମୁଁ ଦ୍ୱାରରେ ଆଘାତ କରୁଅଛି। ଯେ କେହି ମୋ ସ୍ୱର ଶୁଣି ଦ୍ୱାରର ଖୋଲିବେ, ମୁଁ ପ୍ରବେଶ କରିବି ଏବଂ ତାଙ୍କ ସହିତ ଭୋଜନ କରିବି।

ପ୍ରଭୁଯୀଶୁ କହିଲେ, " ମୁଁ ପଥ, ସତ୍ୟ ଓ ଜୀବନ। ମୋ ଦେଇ ନ ଗଲେ, କେହି ପିତାଙ୍କ ନିକଟକୁ ଯାଇ ପାରିବେ ନାହିଁ।" "ପ୍ରଭୁଯୀଶୁ ଆଜି, କାଲି ଓ ସବୁଦିନ ପାଇଁ ସମାନ ଅଟନ୍ତି।" "ଜଗତର ପାପ ମୋଚନ ପାଇଁ ପ୍ରଭୁ ଯୀଶୁ ପଦାର୍ପଣ କଲେ କାରଣ ତାହାଙ୍କ ଠାରେ ପାପ ନଥିଲା।" "ଈଶ୍ୱର ଚାହାଁନ୍ତି ଯେପରି ସମସ୍ତେ ଅନୁତାପ କରନ୍ତି ଏବଂ କେହି ଦେଲେ ବିନଷ୍ଟ ନ ହୁଅନ୍ତି।"

" ପ୍ରଭୁଯୀଶୁଙ୍କ ଜନ୍ମ ଅର୍ଥାତ୍ "ଈଶ୍ୱରଙ୍କ ଅନୁଗ୍ରହ ଦେଖାଗଲା, ଆବିର୍ଭାବ ହେଲା ଯେପରି ସମସ୍ତେ ପରିତ୍ରାଣ ମୋକ୍ଷ ଓ ମୁକ୍ତି ପାଇବେ।" ବାରମ୍ବାର ପ୍ରଭୁଯୀଶୁ କହିଲେ, " ମୁଁ ଜଗତକୁ ବିଚାର କରିବା ପାଇଁ ଆସିନାହିଁ କିନ୍ତୁ ଜଗତକୁ ରକ୍ଷା / ମୁକ୍ତି କରିବାକୁ ଆସିଅଛି।''

ବାଇବଲ ସ୍ପଷ୍ଟ କୁହେ, "ମନୁଷ୍ୟ ପୁତ୍ର ପ୍ରଭୁଯୀଶୁ ଖ୍ରୀଷ୍ଟ ଯାହା ହଜିଯାଇଅଛି, ତାହାକୁ ଖୋଜିବା ନିମନ୍ତେ ପୁଣି ପରିତ୍ରାଣ, ମୋକ୍ଷ ଓ ମୁକ୍ତି ଦେବାକୁ ଆସିଥିଲେ।"

ପ୍ରଭୁଯୀଶୁଖ୍ରୀଷ୍ଟ ଧର୍ମ ପ୍ରଚାର କରିବାକୁ କିମ୍ବା ନୂତନ ଧର୍ମ ପ୍ରତିଷ୍ଠା କରିବାକୁ କିମ୍ବା କୌଣସି ଦର୍ଶନ ଶାସ୍ତ୍ର ଓ ପୁରାତନ ଧର୍ମକୁ ସଞ୍ଜୀବିତ କରିବାକୁ ଆସି ନ ଥିଲେ। ପ୍ରଭୁଯୀଶୁଙ୍କ ଠାରେ ବିଶ୍ୱାସ କରିବା ଏବଂ ବିଶ୍ୱାସ ନ କରିବା ଆମର ମୌଳିକ ମାନବିକ ଅଧିକାର। ଏହା ନିଶ୍ଚିତ ଯେ, ପ୍ରଭୁଯୀଶୁଖ୍ରୀଷ୍ଟ ଜୀବନ୍ତ ସତ୍ୟ ଓ ଜୀବନ ପୁଣି ମାନବ ସମାଜର ପରିତ୍ରାଣ କର୍ତ୍ତା।

ଏହି ୨୦୨୪ ଖ୍ରୀଷ୍ଟ ମାସରେ ଏବଂ ୨୦୨୫ ନୂତନ ବର୍ଷରେ ଈଶ୍ୱର ପିତା ଓ ପ୍ରଭୁଯୀଶୁ ଖ୍ରୀଷ୍ଟ ସମସ୍ତଙ୍କୁ ଆଶୀର୍ବାଦ ଓ କଲ୍ୟାଣ କରନ୍ତୁ।

# ଖ୍ରୀଷ୍ଟମାସ—ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ

ଶ୍ରୀ ବ୍ରଜକାନ୍ତ ସିଂ
ଜାଗମରା
ଭୁବନେଶ୍ୱର – ୩୦
ମୋ:୭୩୮୧୮୧୭୮୧୮

ସମଗ୍ର ବିଶ୍ୱରେ ଡିସେମ୍ବର ୨୫ ତାରିଖ ହେଉଛି ଅତି ଆନନ୍ଦର ଦିନ କାରଣ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ତଥା 'ବଡ଼ଦିନ' ଭାବରେ ପାଳନ କରାଯାଏ। ଇଂରାଜୀରେ ଆଜିର ଦିନକୁ 'ଖ୍ରୀଷ୍ଟମାସ' ବୋଲି ମଧ୍ୟ କୁହାଯାଏ । ବିଶେଷତଃ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନଙ୍କ ନିମନ୍ତେ ଏହା ଏକ ପ୍ରମୁଖ ଓ ବଡ ପବିତ୍ର ପର୍ବ ଅଟେ । ନିଜ ଗୃହ ଓ ଚର୍ଚ୍ଚଗୃହକୁ ଅତି ଜାକଜକମରେ ସଜାଇଥାନ୍ତି । ସେମାନେ ଏହି ଦିନରେ ଚର୍ଚ୍ଚରେ ସମବେତ ହୋଇ ପ୍ରାର୍ଥନା, ଉପାସନା କରନ୍ତି, ଧର୍ମୀୟ ଉପଦେଶ ଶୁଣନ୍ତି, ପିଠାପଣା, ଭୋଜିଭାତ କରି ଆନନ୍ଦରେ ପାଳନ କରନ୍ତି । ଏପରିକି ଅନ୍ୟମାନଙ୍କୁ ପିଠାପଣା, ବିଭିନ୍ନ ଉପହାର, ଖାଦ୍ୟ ବଣ୍ଟନ ଆଦି କରି ଆନନ୍ଦୋତ୍ସବ ମନାନ୍ତି । ପବିତ୍ର ଧର୍ମଗ୍ରନ୍ଥ ବାଇବଲ ଅନୁସାରେ, ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମଗ୍ର ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଲେଖାଯାଏ – କାରଣ ଈଶ୍ୱର ଜଗତକୁ ଏଡେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବ । ଯେଣୁ ଜଗତର ବିଚାର କରିବାକୁ ଈଶ୍ୱର ଆପଣା ପୁତ୍ରଙ୍କୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ । ପୁଣି ଲେଖାଯାଏ – ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ । ଯୀଶୁ ନାମ ଶବ୍ଦଟି ମୂଳ ଶବ୍ଦ ହିବ୍ରୁ ଭାଷାରୁ ଆସିଛି ଯାହାର ଅର୍ଥ 'ସଦାପ୍ରଭୁ ଉଦ୍ଧାରକର୍ତ୍ତା' ବା 'ପ୍ରଭୁ ମୁକ୍ତିଦାତା' । ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଅତି ଆଶ୍ଚର୍ଯ୍ୟ ଅଟେ, କାରଣ ଜଣେ ଅନୁଢ଼ା କନ୍ୟା ବା କୁମାରୀ ମରିୟମ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇ ତାଙ୍କୁ ଜନ୍ମ ଦେଲେ । ମରିୟମ ସହିତ ବିବାହ ନିର୍ବନ୍ଧ ହୋଇଥିବା ପୁରୁଷ ଯୋଶେଫ ଜଣେ ଧାର୍ମିକ ବ୍ୟକ୍ତି ଥିବାରୁ, ମରିୟମଙ୍କ ଗର୍ଭବତୀ ହେବା ଖବର ଜାଣି, ତାଙ୍କୁ ପ୍ରକାଶରେ ନିନ୍ଦା ନ କରି ଗୋପନରେ ତ୍ୟାଗପତ୍ର ଦେବାକୁ ଇଚ୍ଛା କରୁଥିବା ସମୟରେ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇଲେ ଯେ, ମରିୟମ ପବିତ୍ରା କନ୍ୟା, ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଗର୍ଭବତୀ, ଏଣୁ ତାଙ୍କୁ ପରିତ୍ୟାଗ ନ କର । ଆଉ ସେ ମରିୟମଙ୍କୁ ପରିତ୍ୟାଗ କଲେ ନାହିଁ କିମ୍ବା ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ନ ହେବା ପର୍ଯ୍ୟନ୍ତ ମରିୟମଙ୍କ ସହିତ ସହବାସ କଲେ ନାହିଁ। ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ସମୟରେ ରୋମୀୟ ସାମ୍ରାଜ୍ୟରେ ସମ୍ରାଟ ଅଗଷ୍ଟସଙ୍କ ଘୋଷଣା ଅନୁଯାୟୀ ଜନଗଣନା ସକାଶେ ଭବିଷ୍ୟତକୁ ଦୃଷ୍ଟିରେ ରଖି ମରିୟମଙ୍କ ସହିତ ବିବାହ ନିର୍ବନ୍ଧ ହୋଇଥିବା ପୁରୁଷ ଯୋଷେଫ ସହିତ ଗାଲିଲୀର ନାଜରିତ ନଗରରୁ ଯୀହୁଦା ପ୍ରଦେଶର ବେଥଲିହିମ ଦାଉଦଙ୍କ ନଗରକୁ ସେମାନେ ଯାଇଥିବା ବେଳେ, ସେସ୍ଥାନରେ ମରିୟମଙ୍କ ପ୍ରସବକାଳ ଉପସ୍ଥିତ ହେଲା, ପୁଣି ସେ ଯୀଶୁଖ୍ରୀଷ୍ଟଙ୍କୁ ଜନ୍ମ ଦେଲେ ଏବଂ ତାହାଙ୍କୁ ଲୁଗାରେ ଗୁଡାଇ ଗୁହାଳ କୁଣ୍ଡରେ ଶୁଆଇଲେ କାରଣ ବସା ଘରେ ସେମାନଙ୍କ ପାଇଁ ସ୍ଥାନ ନ ଥିଲା । ସମଗ୍ର ମାନବଜାତି ନିମନ୍ତେ ପ୍ରଭୁଯୀଶୁଙ୍କ ଜନ୍ମର ଆଉ ଏକ ଆନନ୍ଦର ବିଷୟ ହେଲା ଯେ ସେ ମନୁଷ୍ୟମାନଙ୍କ ସହବର୍ତ୍ତୀ ହେବେ। ଯେପରି ତାହାଙ୍କ ଅନ୍ୟନାମ 'ଇମ୍ମାନୁଏଲ' ଯାହାର ଅର୍ଥ 'ଆମ୍ଭମାନଙ୍କ ସହିତ ଈଶ୍ୱର'। ମନୁଷ୍ୟ ଜୀବନରେ ତାହାଙ୍କ ଉପସ୍ଥିତି ଶାନ୍ତିଦାୟକ ଓ ଆନନ୍ଦଦାୟକ କାରଣ ତାହାଙ୍କୁ 'ଶାନ୍ତିର ରାଜକୁମାର' ବା 'ଶାନ୍ତିଦାତା' ବୋଲି ମଧ୍ୟ କୁହାଯାଏ । ପ୍ରଭୁ ଯୀଶୁଖ୍ରୀଷ୍ଟ କହିଲେ, 'ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି; ଜଗତ ଯେପରି ଦାନ କରେ, ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁନାହିଁ । ତୁମ୍ଭମାନଙ୍କ ହୃଦୟ ଉଦବିଗ୍ନ କି ଭୟଗ୍ରସ୍ତ ନ ହେଉ ।


ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଆଉ ଏକ କାରଣ ହେଲା – ଅନ୍ଧକାର ଜୀବନରେ ଆଲୋକ ପ୍ରଦାନ କରିବା । ଜଗତର ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ । ଯେକେହି କୁକର୍ମ କରେ, ସେ ଜ୍ୟୋତିଃକି ଘୃଣା କରେ, ପୁଣି କାଳେ ତାହାର କର୍ମର ଦୋଷ ପ୍ରକାଶିତ ହୁଏ, ଏଥିପାଇଁ ସେ ଜ୍ୟୋତିଃ ନିକଟକୁ ଆସେ ନାହିଁ । କିନ୍ତୁ ଯେକେହି ସତ୍ୟ ଆଚରଣ କରେ, ସେ ଜ୍ୟୋତିଃ ନିକଟକୁ ଆସେ, ଯେପରି ତାହାର କର୍ମସବୁ ଈଶ୍ୱରଙ୍କଠାରେ ସାଧିତ ବୋଲି ପ୍ରକାଶିତ ହୁଏ । ସେ କହିଲେ, ମୁଁ ଜଗତର ଜ୍ୟୋତିଃ; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତିଃ ପାଇବ। ରଙ୍ଗରସ, ଓ ମତ୍ତତା, ଲମ୍ପଟତା ଓ କାମୁକତା, ବିବାଦ ଓ ଈର୍ଷା ଆଦି କୁକର୍ମ ବା ପାପଗୁଡ଼ିକୁ ବାଇବଲ ଅନ୍ଧକାରର କର୍ମ ବୋଲି ପ୍ରକାଶ କରେ । ଯେ ପାପ କରେ, ସେ ଶୟତାନରୁ ଜାତ; ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରଭୁଯୀଶୁ ଖ୍ରୀଷ୍ଟ ପ୍ରକାଶିତ ହେଲେ । ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୁଏ। ତୁମ୍ଭେମାନେ ଅନ୍ଧାକାରର ସନ୍ତାନ ନ ହୋଇ ଆଲୋକର ସନ୍ତାନ ହୁଅ । ଦୁର୍ଭାଗ୍ୟବଶତଃ ଆଜି ମନୁଷ୍ୟମାନଙ୍କ ସମସ୍ୟାଗୁଡିକ ମଧ୍ୟରୁ ପ୍ରମୁଖ ସମସ୍ୟା ହେଲା – ପାପ । ପବିତ୍ର ଧର୍ମଗ୍ରନ୍ଥ ବାଇବଲରେ ଲେଖାଯାଏ – ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି । ସତ୍କର୍ମ ନ କଲେ ପାପ ଦ୍ୱାରରେ ଛକିଥାଏ । ପାପ ହିଁ ମନୁଷ୍ୟ ଓ ଈଶ୍ୱର ମଧ୍ୟରେ ସମ୍ପର୍କ ଛିନ୍ନ କରେ ଏବଂ ମନୁଷ୍ୟ ଈଶ୍ୱରଙ୍କ କ୍ରୋଧର ପାତ୍ର ହୁଏ । ଫଳତଃ ଏହାର ପରିଣାମସ୍ୱରୂପେ ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ଅଭିଶପ୍ତ ହୋଇ ବିଭିନ୍ନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୁଏ । ପାପ ଆଧାତ୍ମିକ ଜୀବନ ପ୍ରତି ଅନାସକ୍ତ କରାଇ ଶାରୀରିକ ଓ ଜାଗତିକ ଜୀବନ ଆଡକୁ କଢାଇ ନିଏ। ମନୁଷ୍ୟ ଶାରୀରିକ ଅଭିଳାଷ ଅନୁସାରେ ଜୀବନଯାପନ କରି ଉଭୟ ଶରୀର ଓ ମନର କାମନା ପୂର୍ଣ୍ଣ କରି ସ୍ୱଭାବତଃ ଈଶ୍ୱରଙ୍କ କ୍ରୋଧର ପାତ୍ର ଓ ଅଭିଶପ୍ତ ହୁଏ; କାରଣ ଶରୀରର କାର୍ଯ୍ୟଗୁଡିକ ହେଲା – ବ୍ୟଭିଚାର, ନରହତ୍ୟା, ମତ୍ତତା, ଶତ୍ରୁତା, ସ୍ୱାର୍ଥପରତା, କ୍ରୋଧ, ରଙ୍ଗରସ, ଈର୍ଷା, ବିବାଦ ଇତ୍ୟାଦି । ବାଇବଲରେ ଲେଖାଯାଏ – ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସହଭାଗିତାରେ ଅନନ୍ତଜୀବନ ।


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଡିସେମ୍ବର ୨୦୨୪ ବୁଧବାର

# ଆଭା

## ଶୀତରେ ଦୁଇଗୁଣ ବଢ଼େ କୋଲୋଷ୍ଟ୍ରୋଲ






ବିଶେଷକରି ଶୀତଦିନେ କୋଲେଷ୍ଟେରଲ୍ ସ୍ତର ବଢ଼ିଯାଇଥାଏ । ତେଣୁ ଏହାକୁ ଅଣଦେଖା କରିବା ଅନୁଚିତ୍। ସ୍ୱାସ୍ଥ୍ୟକର ଡାଏଟ୍ ଓ ବ୍ୟାୟାମ ସହ ସାମାନ୍ୟ ଜୀବନଶୈଳୀରେ ପରିବର୍ତ୍ତନ କରିବା ଦ୍ୱାରା ଏହାକୁ ନିୟନ୍ତ୍ରଣ କରିପାରିବେ । ଏଥିପାଇଁ ବେଶୀ ପରିଶ୍ରମ କରିବାକୁ ପଡିବନାହିଁ । ସ୍ୱାସ୍ଥ୍ୟକର ଅଭ୍ୟାସ ଆପଣାଇବା ଦ୍ୱାରା ଶୀତର ଦୁଇଗୁଣା ମଜା ଉଠାଇପାରିବେ ।

ଶୀତଦିନ ଗରମ ଚା' ଓ କଫି, ହାଲ୍‌କା ଉଷୁମ ପାଣି ଓ ରେଜେଇ ଭିତରେ ଆରାମଦାୟକ ଜୀବନ ବିତାଇବାର ସୁଯୋଗ ନେଇ ଆସିଥାଏ । ତେଣୁ ଶୀତଦିନେ କୋଲେଷ୍ଟେରଲ୍ ସ୍ତର ବଢ଼ିଯାଇଥାଏ । ସାମାନ୍ୟ ସଚେତନ ରହିଲେ ସମସ୍ୟା ଆପେ ଆପେ ଦୂରେଇଯିବ। ହୃଦୟ ଶରୀରର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ତେଣୁ ଏହାର ଖାସ୍ ଧ୍ୟାନ ରଖିବା ଆପଣଙ୍କ ଦାୟିତ୍ୱ । ଆଜିକାଲିର ଖରାପ ଜୀବନଶୈଳୀ ଯୁବପିଢ଼ିଙ୍କ ଭିତରେ ହୃଦ୍‌ଘାତ ସମସ୍ୟାକୁ ବଢ଼ାଇଚାଲିଛି । କିଏ ଉଚ୍ଚ ରକ୍ତଚାପ ସମସ୍ୟା ସହ ଲଢୁଛି ତ ଆଉ କିଏ ଉଚ୍ଚ କୋଲେଷ୍ଟେରଲ୍ । ଚାଲନ୍ତୁ ଜାଣିବା ଶୀତରେ କାହିଁକି ବଢେ କୋଲୋଷ୍ଟେରଲ୍ ସ୍ତର ଏଥିରୁ କେମିତି ପାଇବେ ସୁରକ୍ଷା ।

**ଶରୀରକୁ ଅଧିକ ଶକ୍ତି ଆବଶ୍ୟକ :**

ଶୀତଦିନେ ଶରୀରକୁ ଅଧିକ ଉଷୁମ ରଖିବା ପାଇଁ ଅଧିକ ଶକ୍ତି ଖର୍ଚ୍ଚ କରିବାକୁ ପଡିଥାଏ । ତେଣୁ ଅଧିକ କ୍ୟାଲୋରୀ ପାଇବା ପାଇଁ ଆମେ ଡାଏଟ୍‌ରେ ଖାଦ୍ୟର ମାତ୍ରା ବଢାଇଚାଲୁ । ଶୀତଦିନେ ଛଣାଛଣି ଖାଦ୍ୟ ଖାଇବା ଦ୍ୱାରା ହିଁ କୋଲେଷ୍ଟେରଲ୍ ସ୍ତର ବଢ଼ିବା ଏକ ପ୍ରମୁଖ କାରଣ ।

**ଭିଟାମିନ୍-ଡି'ର ଅଭାବ :**

ଭିଟାମିନ୍-ଡି'ର ଅଭାବକୁ ଦୂର କରିବାରେ ସୂର୍ଯ୍ୟ କିରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଶୀତଦିନେ ସୂର୍ଯ୍ୟକିରଣ କମ୍ ମିଳିଥାଏ । ତେଣୁ ଏହି ଆବଶ୍ୟକତା ପୂରଣ ହୋଇପାରେନା । ଭିଟାମିନ୍-ଡି କୋଲେଷ୍ଟେରଲ୍ ସ୍ତରକୁ ନିୟନ୍ତ୍ରିତ କରିବାରେ ସହଯୋଗ କରିଥାଏ ।

**ଚଲାବୁଲାର ଅଭାବ :**

ଶୀତଦିନେ ପ୍ରାୟ ଲୋକ ଅଳସରେ ବେଡ୍ ଉପରୁ ତଳକୁ ଓହ୍ଲାଇ ନଥାନ୍ତି । ଆରାମକୁ ଗୁରୁତ୍ୱ ଦେଇଥାନ୍ତି । ବ୍ୟାୟାମ ଓ ଚଲାବୁଲାକୁ ପ୍ରାଥମିକତା ଦେଇ ନଥାନ୍ତି । ଏହା ମଧ୍ୟ କୋଲୋଷ୍ଟେରଲ୍ ବଢ଼ିବାର ଅନ୍ୟତମ ପ୍ରମୁଖ କାରଣ ।

**କେମିତି କରିବେ ନିୟନ୍ତ୍ରଣ :-**

ଶୀତରେ ସକ୍ରିୟ ରହିବା ଖୁବ୍ ଜରୁରି । ସେହିପରି ବ୍ୟାୟାମ ଓ ଯୋଗ କରିବା ଜରୁରି । କେବଳ ସେତିକି ନୁହେଁ, ଦୌଡ଼ିବା କିମ୍ବା ଜଗିଙ୍ଗ୍ ମଧ୍ୟ କରିପାରିବେ । ଜଙ୍କ୍ ଫୁଡ୍ ଆଦୌ ଖାଆନ୍ତୁନି। ଲୁଣ କମ୍ ଖାଇବା ସହ ଭିଟାମିନ-ଡି' ଯୁକ୍ତ ଅଧିକ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିପାରିବେ । ଏହାବ୍ୟତୀତ ଡାଏଟ୍‌ରେ ଫାଇବର ମଧ୍ୟ ସାମିଲ୍ କରନ୍ତୁ । ଏହା କୋଲେଷ୍ଟେରଲ୍ ସ୍ତରକୁ ନିୟନ୍ତ୍ରିତ କରିଥାଏ । ସେହିପରି ଚିନ୍ତାଠାରୁ ଦୂରେଇ ରୁହନ୍ତୁ । ଆଠ ଘଣ୍ଟା ନିଶ୍ଚୟ ଶୁଅନ୍ତୁ ।

## ବାହାଡ଼ା ଦାନ୍ତ ଓ ମାଢ଼ି ଜନିତ ସମସ୍ୟାର ଚିକିତ୍ସା

ବାହାଡ଼ା ଦାନ୍ତ, ଦାନ୍ତ ମଧ୍ୟରେ ଫାଙ୍କ ଓ ଉଚ୍ଚା ମାଢ଼ି ଜନିତ ତ୍ରୁଟି ଅନେକଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ । ଦାନ୍ତ ତେଢ଼ାମେଢ଼ା ରହିଲେ ଭଲ ଭାବେ ବ୍ରସ୍ କରିହୁଏ ନାହିଁ । ଫଳରେ ଦାନ୍ତ ଫାଙ୍କରେ ଖାଦ୍ୟପଦାର୍ଥ ଜମି ପଚିଯାଏ । ଏହା ଯୋଗୁଁ ପାଟିରୁ ଦୁର୍ଗନ୍ଧ ବାହାରେ । ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲେ ପାଇରିଆ ହୋଇ ଦାନ୍ତ ହଲିବା ଓ ପଡ଼ିବା ଆଦି ଆଶଙ୍କା ସୃଷ୍ଟି ହୋଇଥାଏ ।

**ଦାନ୍ତ ବାହାଡ଼ା ହେବାର କାରଣ**

ବଂଶାନୁକ୍ରମିକ, ଜନ୍ମଗତ ସମସ୍ୟା ଯୋଗୁଁ ପିଲାଙ୍କର ଦାନ୍ତ ବାହାଡ଼ା ହେବା ସହ ଦାନ୍ତ ମଧ୍ୟରେ ଫାଙ୍କ ରହିବା ଓ ଉଚ୍ଚା ମାଢ଼ି ଆଦି ଅସାମଞ୍ଜସ୍ୟ ଦେଖା ଦେଇଥାଏ । ସେହିପରି ଜନ୍ମର ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ୟାକୁ ନେଇ ମଧ୍ୟ ଦାନ୍ତ ଓ ମାଢ଼ି ଆଦିରେ ତ୍ରୁଟି ଦେଖାଦିଏ । ନିୟମିତ ଆଙ୍ଗୁଠି ଚୁଚୁମିବା, ଅଭ୍ୟାସଗତ ଭାବେ ଜିଭ ଠେଲିବା, ଓଠ କାମୁଡ଼ିବା, ଏକାଧିକ ଦାନ୍ତ ପୋକ ଖାଇବା, ଦୀର୍ଘ ସମୟ ଧରି ଶିଶୁ ବୋତଲରେ କ୍ଷୀର ପିଇବା, ଶୋଇବା ବେଳେ ନିୟମିତ ପାଟି ମେଲା କରି ନିଃଶ୍ୱାସ ପ୍ରଶ୍ୱାସ ନେବା ଦ୍ୱାରା ପିଲାର ମାଢ଼ି ଉଚ୍ଚା ହୋଇଯାଏ ଏବଂ ଉଚ୍ଚା ଦାନ୍ତ ସମସ୍ୟା ସୃଷ୍ଟି ହୋଇଥାଏ ।

**ଚିକିତ୍ସା**

ତେଣୁ ପିଲା ବୟସରୁ ହିଁ ଏହାର ଚିକିତ୍ସା କରିବା ଦରକାର । ଜନ୍ମର ପରବର୍ତ୍ତୀ ସମୟରେ ଅର୍ଥୋଡୋଣ୍ଟିକ୍‌ସଙ୍କ ପରାମର୍ଶ ନେଇ ୮ ବର୍ଷ ବୟସ ମଧ୍ୟରେ ପିଲାର ଉପର ମାଢ଼ି ଓ ତଳ ମାଢ଼ିରେ ଉଚ୍ଚାନୀଚ୍ଚା ବା ଅସମାନତା ଥିଲେ ଚିକିତ୍ସା କରାଇ ନେବେ । ତାହେଲେ ମାଢ଼ିର ଆକାରଗତ ତ୍ରୁଟିରେ ସୁଧାର ଆସିପାରିବ। ଛୋଟ ବୟସରୁ ପିଲାର ଯେତେଶୀଘ୍ର ଏହି ଦାନ୍ତ ଓ ମାଢ଼ି ଜନିତ ସମସ୍ୟାର ଚିକିତ୍ସା କରାଇବେ ସେହି ଅନୁସାରେ ଚିକିତ୍ସା ଫଳପ୍ରଦ ହେବା ସହ ସ୍ଥାୟୀ ସଫଳତା ମିଳିବ ।

## ଭେରିକୋଜ୍ ଭେନ୍ ସମସ୍ୟାର ଲକ୍ଷଣ ଏବଂ ଚିକିତ୍ସାର ଗୁରୁତ୍ୱ

କିଛି ଲୋକଙ୍କ ପାଦ, ଗୋଡ଼ର ଶିରା ବଡ଼ କିମ୍ବା ମୋଡ଼ି ମୋଡ଼ି ହୋଇଥିବା ଦେଖାଯାଏ । ଏହି ସମସ୍ୟାକୁ ଭେରିକୋଜ୍ ଭେନ୍ ବା ଲୋଚାକୋଚା ଶିରା କୁହାଯାଏ । କେବଳ ଗୋଡ଼ରେ ନୁହେଁ, ହାତ ଓ ଶରୀରର ଅନ୍ୟ ସ୍ଥାନରେ ମଧ୍ୟ ଏଭଳି ଶିରା ଦେଖା ଯାଇଥାଏ । କିନ୍ତୁ ଗୋଡ଼ରେ ଅଧିକ ଦେଖା ଦେଖାଯାଏ । ପ୍ରାୟ ଲୋକ ଏହାକୁ ଏତେ ଗୁରୁତ୍ୱ ଦିଅନ୍ତିନି କି ଚିକିତ୍ସା ଉପରେ ଧ୍ୟାନ ଦେଇ ନ ଥାନ୍ତି । ଶେଷରେ ବହୁ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ବିଭିନ୍ନ ସମୟରେ ହରମୋନ ପରିବର୍ତ୍ତନ ଯୋଗୁଁ ଭେରିକୋଜ୍ ଭେନ୍ ଜନିତ ସମସ୍ୟା ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ଅଧିକ ଦେଖା ଦେଇଥାଏ । ଭେରିକୋଜ୍ ଭେନ୍ ସମସ୍ୟାରେ ଶିରାଗୁଡ଼ିକ ଫୁଲିଯାଏ । ରକ୍ତ ପ୍ରବାହରେ ବାଧା ଏବଂ ଶିରାଗୁଡ଼ିକ ଭିତରେ ଥିବା ଭାଲ୍‌ଭର ତ୍ରୁଟିରୁ ଏହା ସୃଷ୍ଟି ହୋଇଥାଏ ।

**ଚିକିତ୍ସା**

ସ୍କେଲରୋଥେରାପି ଏହି ଚିକିତ୍ସାରେ ଶିରାରେ ଏକ ଇଞ୍ଜେକସନ୍ ଦିଆଯାଇଥାଏ, ଯାହା ଶିରାକୁ ସଙ୍କୁଚିତ କରିବା ସହ ଲୋଚାକୋଚା ଶିରା ଧୀରେ ଧୀରେ ଅଦୃଶ୍ୟ ହୋଇଯାଏ ।

ଲେଜର ଥେରାପି ଲେଜର ଆଲୋକ ଦ୍ୱାରା ଶିରାଗୁଡ଼ିକର ଚିକିତ୍ସା କରାଯାଇଥାଏ । ଏହାଦ୍ୱାରା ତ୍ୱଚା ଉପରେ ଥିବା ଛୋଟ ଓ ମଧ୍ୟମ ଆକାରର ଶିରାଗୁଡ଼ିକ ଆଉ ରହେ ନାହିଁ ।

ରେଡିଓ ଫ୍ରିକ୍ୱେନ୍ସି ଏବଂ ଏଣ୍ଡୋଭେନସ୍ ଲେଜର ଟ୍ରିଟ୍‌ମେଣ୍ଟ ବଡ଼ ବଡ଼ ଶିରାଗୁଡ଼ିକର ଚିକିତ୍ସା ପାଇଁ ଏହି ପଦ୍ଧତି ଅବଲମ୍ବନ କରାଯାଇଥାଏ ।



## ଦିନକୁ ୪୫ ମିନିଟ୍ ୱର୍କଆଉଟ୍ କରିବା ଯଥେଷ୍ଟ ଜରୁରୀ

ଫିଟ୍ ଓ ସକ୍ରିୟ ରହିବା ପାଇଁ ନିୟମିତ ୱର୍କଆଉଟ୍ ଜରୁରୀ । ଏହା କେବଳ ଶରୀରକୁ ଫିଟ୍ ରଖେନା, ବରଂ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ଫାଇଦା ପହଞ୍ଚାଇଥାଏ । ନିୟମିତ ୱର୍କଆଉଟ୍ କରିବା ଦ୍ୱାରା ଶରୀର ସକ୍ରିୟ ରହିବା ସହ ସ୍ଫୁର୍ତ୍ତି ରହିଥାଏ। କିଛି ଲୋକ ଓଜନ କମାଇବାକୁ ୱର୍କଆଉଟ୍ କରିଥାନ୍ତି। କିନ୍ତୁ ଫିଟନେସ୍‌କୁ ବଜାୟ ରଖିବା ପାଇଁ ୱର୍କଆଉଟ୍ ସମସ୍ତଙ୍କ ପାଇଁ ଜରୁରି । କିଛି ଲୋକ ଦିନର ଅଧିକାଂଶ ସମୟ ୱର୍କଆଉଟ୍‌ରେ ବିତାଇଥାନ୍ତି, ଯାହା ଆଦୌ ଠିକ୍ ନୁହେଁ। ହେଲ୍‌ଥ୍ କୋଚ୍‌ଙ୍କ ମତରେ ଦିନକୁ ୪୫ ମିନିଟ୍ ୱର୍କଆଉଟ୍ କରିବା ଯଥେଷ୍ଟ । ଏହାର ଶରୀର ଉପରେ ଖୁବ୍ ପ୍ରଭାବ ପକାଇଥାଏ । କିନ୍ତୁ ଯଦି ସେହି ସମୟ କେବଳ ୱର୍କଆଉଟ୍ ଉପରେ ଫୋକସ୍ କରିଥାନ୍ତି। ୱର୍କଆଉଟ୍‌ର ପ୍ରଭାବ ଆପଣଙ୍କ ଏକାଗ୍ରତା ଉପରେ ନିର୍ଭର କରୁଛି । ବ୍ୟାୟାମ କରିବା ସମୟରେ ଗପୁଛନ୍ତି କିମ୍ବା ଚିନ୍ତା କରୁଛନ୍ତି, ତେବେ ଏହାର ପ୍ରଭାବ ଶରୀର ଉପରେ ସେତେଟା ପଡି ନଥାଏ । ତେଣୁ ୱର୍କଆଉଟ୍ କରିବା ସମୟରେ ନିଜ ଉପରେ ଫୋକସ୍ କରିବା ଖୁବ୍ ଜରୁରି । ଏପରିକି ଏହି ସମୟରେ ଅନ୍ୟମନସ୍କ ହେବା ଦ୍ୱାରା ଓଜନ ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ପଡି ନଥାଏ। ସେଥିପାଇଁ ଦିନକୁ ୨-୩ ଘଣ୍ଟା ୱର୍କଆଉଟ୍ କରୁଥିବା ଲୋକଙ୍କ ଉପରେ ଏହାର କୌଣଣି ପ୍ରଭାବ ଦେଖିବାକୁ ମିଳି ନଥାଏ।

**ଉପଯୁକ୍ତ ଶୈଳୀ :**

ୱର୍କଆଉଟ୍ ସମୟରେ ନିଜର ପୁରା ଧ୍ୟାନ ବ୍ୟାୟାମ ଉପରେ ହେବା ଆବଶ୍ୟକ । ଏପରିକି ଶରୀର ଉପରେ ୱର୍କଆଉଟ୍‌ର ପ୍ରତିକ୍ରିୟାକୁ ମଧ୍ୟ ଲକ୍ଷ୍ୟ କରିବା ଉଚିତ୍ । ନିଶ୍ୱାସପ୍ରଶ୍ୱାସର ବେଗ ଓ ହୃଦୟର ଗତିକୁ ଲକ୍ଷ୍ୟ କରିବାକୁ ଚେଷ୍ଟା କରନ୍ତୁ । ଏପରି କରିବା ଦ୍ୱାରା ହିଁ ୱର୍କଆଉଟ୍‌ର ଫାଇଦା ମିଳିଥାଏ ।



## ସର୍ଭିକାଲ ସ୍ପଣ୍ଡିଲାଇଟିସ୍ ପାଇଁ ମକରାସନ, ଶଶାଙ୍କାସନ ଯୋଗ ଆବଶ୍ୟକ

ବେକ ମେରୁଦଣ୍ଡର ଏକ ଅତି ସମ୍ବେଦନଶୀଳ ଜାଗା। ଦୀର୍ଘଦିନ ଧରି ବେକକୁ ଆଗପଛ ବା ଦୁଇ ପାର୍ଶ୍ୱକୁ ଭାଙ୍ଗିବା ଓ ମୋଡ଼ିବାରେ ଅସୁବିଧା ହେବା, ବେକ ପାଖରେ ଥିବା ମେରୁଦଣ୍ଡ ହାଡ଼ର ଅବକ୍ଷୟ ଓ ମାଂଶପେଶୀ ଦୁର୍ବଳ ହେଲେ ତାକୁ ସର୍ଭିକାଲ ସ୍ପଣ୍ଡିଲାଇଟିସ୍ କୁହାଯାଏ । ଏଥିରେ ବେକ, ପିଠିର ଉପରିଭାଗ, କାନ୍ଧ ଓ ହାତରେ ଯନ୍ତ୍ରଣା ହୋଇଥାଏ। କିଛି ଲୋକଙ୍କ ଠାରେ ମୁଣ୍ଡ ବୁଲାଇବା ଏବଂ କାନରେ ଏକ ପ୍ରକାର ଘଣ୍ଟି ବାଜିବା ଭଳି ଲକ୍ଷଣ ମଧ୍ୟ ଦେଖାଦେଇଥାଏ । ବର୍ତ୍ତମାନର ସମୟରେ ମୋବାଇଲ ଫୋନ୍‌ର ଅଧିକ ବ୍ୟବହାର ତଥା ଦୀର୍ଘ ସମୟ ଧରି କମ୍ପ୍ୟୁଟର ଆଗରେ ବସି ରହୁଥିବା ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ବହୁଳ ଭାବରେ ଦେଖାଦେଉଛି । ନିମ୍ନରେ ଦିଆଯାଇଥିବା କିଛି ପ୍ରଭାବୀ ଆସନକୁ ସ୍ଥିରଚିତ୍ତରେ ସକାରାତ୍ମକ ଭାବନାରେ ନିୟମିତ ଅଭ୍ୟାସ କଲେ ଏହି ସମସ୍ୟାରେ ସୁଧାର ଆସିପାରିବ । ଗୁରୁତର ସର୍ଭିକାଲ ସ୍ପଣ୍ଡିଲାଇଟିସ୍‌ରେ ପୀଡ଼ିତ ବ୍ୟକ୍ତିବିଶେଷ ଡାକ୍ତରଙ୍କ ପରାମର୍ଶ ନେଇ ଏହି ଯୋଗାଭ୍ୟାସ ଆରମ୍ଭ କରିବେ। ଗୋଡ଼ ଲମ୍ୱାଇ ପେଟ ମାଡ଼ି ଶୋଇ ଯାଆନ୍ତୁ । ମୁଣ୍ଡ ଏବଂ କାନ୍ଧକୁ ଉପରକୁ ଉଠାନ୍ତୁ । କହୁଣିକୁ ଭୂମିରେ ରଖି, ଦୁଇ ହାତ ପାପୁଲିରେ ଚିବୁକକୁ (ଥୋମଣି) ଧରି ରଖନ୍ତୁ । ମନେ ରଖିବେ ମକରାସନର ପ୍ରଭାବ ମୁଖ୍ୟତଃ ବେକ ଓ ତଳ ପିଠି ଉପରେ ପଡ଼ିଥାଏ । ଯଦି କହୁଣିକୁ ବହୁତ ଆଗରେ ରଖିବେ, ବେକରେ ଅଧିକ ଜୋର ପଡ଼ିବ। କହୁଣିକୁ ଯଦି ଛାତି ପାଖରେ ଲଗାଇ ରଖିବେ, ତଳି ପିଠିରେ ଅଧିକ ଚାପ ପଡ଼ିବ। ଏଣୁ ଏହି ଆସନରେ କହୁଣିକୁ ଏହି ଦୁଇ ଜାଗାର ମଝିରେ ରଖିବେ ଯେପରି ବେକ ଓ ପିଠିରେ ସମାନ ଚାପ ପଡ଼ିବ । ଏହି ସ୍ଥିତିରେ ଯେତେ ସମୟ ପାରିବେ ରହିବେ ଏବଂ ନିଃଶ୍ୱାସପ୍ରଶ୍ୱାସ ଉପରେ ଧ୍ୟାନ ଦେବେ। ଏହି ଆସନ ସର୍ଭିଇକାଲ ସ୍ପଣ୍ଡିଲାଇଟିସ୍‌କୁ ଠିକ କରିବା ସହ ସ୍ଲିପ୍ ଡିସ୍କ, ସାଇଟିକା ଏବଂ ମେରୁଦଣ୍ଡ ସମସ୍ୟା ଦୂର କରିବାରେ ସହାୟକ ହେବ । ଗୁରୁତର ପିଠି ପୀଡ଼ା ଥିଲେ ଏହି ଆସନ କରିବେ ନାହିଁ ।

ଶଶାଙ୍କାସନ ଭୂଇଁରେ ଆଣ୍ଠୁ ମାଡ଼ି ବସନ୍ତୁ । ପାଦର ଦୁଇ ବୁଢ଼ା ଆଙ୍ଗୁଳି ଏକାଠି କରନ୍ତୁ। ଗୋଇଠି ଛଡ଼ାଇ ରଖନ୍ତୁ । ପାଦ ଭିତରେ ନିତମ୍ବକୁ ରଖନ୍ତୁ ଯେପରି ଗୋଇଠି ଜଙ୍ଘକୁ ଛୁଉଁଥିବ (ବଜ୍ରାସନ ଭଳି) । ପାପୁଲି ତଳମୁହାଁ କରି ଆଣ୍ଠୁ ଉପରେ ରଖନ୍ତୁ । ମୁଣ୍ଡ ଓ ବେକ ସିଧା ରହିବ । ପ୍ରଶ୍ୱାସ ନେଇ ଦୁଇ ହାତ ଉପରକୁ ଉଠାନ୍ତୁ ଏବଂ ନିଃଶ୍ୱାସ ଛାଡ଼ି ଅଣ୍ଟାକୁ ଭାଙ୍ଗି ମୁଣ୍ଡ ଏବଂ ହାତକୁ ଭୂମିରେ ଲଗାଇବାକୁ ଚେଷ୍ଟା କରନ୍ତୁ । ଆସନର ଶେଷ ସ୍ଥିତିରେ ହାତ ଓ କପାଳ ଆଣ୍ଠୁ ସାମ୍ନାରେ ଭୂଇଁ ଉପରେ ଲାଗି ରହିବ। କିଛି ସମୟ ଏହି ସ୍ଥିତିରେ ରହି ପ୍ରଶ୍ୱାସ ନେଇ ହାତ ଏବଂ ଦେହକୁ ଉପରକୁ ଉଠାଇବେ ଏବଂ ନିଃଶ୍ୱାସ ଛାଡ଼ି ଧୀରେ ହାତ ତଳକୁ ଆଣି ଆଣ୍ଠୁ ଉପରେ ରଖିବେ । ଏହା ଗୋଟିଏ ଚକ୍ର, ଏହିଭଳି ୩ରୁ ୫ ଚକ୍ର ଅଭ୍ୟାସ କରିବେ ।

## ତବଲା ମାଡ଼ରେ ଟ୍ରେଣ୍ଡ ପାଇଥିଲା ୱାଃ ଚା'



ଚା'ରୁ ଆରମ୍ଭ ହୁଏ ପ୍ରତିଟି ଭାରତୀୟଙ୍କ ସକାଳ । ଚା' କପ୍‌ରୁ ସୃଷ୍ଟି ହୁଏ ଦିନଯାକର କାର୍ଯ୍ୟସୂଚୀ । ଆଉ ସେହି ଚା'ଢୋକେ ରୁ ହୁଏ ଶବ୍ଦର ସଂଯୋଜନା । ଯଦି ସେ ଚା' ତାଜ୍ ହୁଏ ତାହେଲେ ଖୁସି ଡବଲ । ସକାଳରୁ ଭରିଯାଏ ରୋମାଞ୍ଚରେ । ମନରେ ଗୁଞ୍ଜାରଣ ହୁଏ ସେହି ତବଲାର ସ୍ୱର । କାରଣ ତାଜ୍ ଚା'କୁ ଲୋଚଲୋଚନକୁ ଆଣିବାରେ ଥିଲା ତାଙ୍କର ଯାଦୁ । ସାଧରଣ ତାଜ୍ କୁ ବ୍ରାଣ୍ଡ ଦେଇଥିଲେ ପଦ୍ମ ବିଭୁଷଣ ତବଲା ବାଦକ ଜାକିର ହୁସେନ । ଘରେ ଘରେ ବଦଳିଯାଇଥିଲା ଚା'ର ବ୍ରାଣ୍ଡ । ଧିରେ ଧୀରେ ସେ ପାଲଟିଲା ସଭିଁଙ୍କ ପ୍ରିୟ 'ୱାଃ ତାଜ୍' । ସେହି ତବଲା ବାଦକ ଆଜି ନାହାଁନ୍ତି ସତ, କିନ୍ତୁ ତାଙ୍କ ଆବର୍ତ୍ତମାନରେ ମନେ ପଡେ ତାଙ୍କର ସେହି ଚା'ର ସ୍ୱାଦ ।

ତାଜମହଲ ଚାକୁ 'ୱାଃ ତାଜ୍' ପରିଚୟ ଦେଇଥିବା ଜାକିର ହୁସେନ୍ ଆଉ ନାହାଁନ୍ତି। ସୋମବାର ସକାଳେ ତାଙ୍କ ମୃତ୍ୟୁକୁ ତାଙ୍କ ପରିବାର ନିଶ୍ଚିତ କରିଛନ୍ତି। ସାନ ଫ୍ରାନ୍ସିସ୍କୋ ହସ୍ପିଟାଲରେ ତ୍ୟାଗ କରିଛନତି ଶେଷ ନିଶ୍ୱାସ । ଭାରତର ଏକ ପ୍ରିମିୟମ୍ ଚା ବ୍ରାଣ୍ଡ, ଯାହା ବ୍ରିଟିଶ୍ କମ୍ପାନୀର ମାଲିକାନା ଅଟେ । ଏହାକୁ ସାରା ଦେଶରେ କୁହାଯାଏ 'ୱାଃ ତାଜ୍' ।

୧୯୬୬ ମସିହାରେ କୋଲକାତାରେ ଆରମ୍ଭ ହୋଇଥିଲା ବ୍ରୁକ ବଣ୍ଡ ତାଜମହଲ ଚା' । ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦ, ଏହି ତିନୋଟି ପାରାମିଟର ଯେଉଁଥିରେ ପ୍ରସ୍ତୁତ କରାଯାଉଥିଲା ତାଜମହଲ ଚା । କାରଣ ପାଶ୍ଚାତ୍ୟ ବ୍ରାଣ୍ଡ ଭାବେ ପରିଚିତ ଚା'କୁ ଭାରତରେ ଖ୍ୟାତି କରିବାର ଥିଲା । ସେତିକି ନୁହେଁ ଚା' ସହ ଯୋଡିହେବାର ଥିଲା ତାଜମହଲର ସୌନ୍ଦର୍ଯ୍ୟ ।

ଚା'କୁ ଫେମସ କରିବାର ଉପାୟ ଥିଲା ବିଜ୍ଞାପନ । ଆଉ ବିଜ୍ଞାପନ ପାଇଁ ଏକମାତ୍ର ପ୍ରଯୁଜ୍ୟ ଥିଲେ ଜାକିର ହୁସେନ୍ । ଜାକିର ହୁସେନ୍‌ଙ୍କ ବ୍ୟକ୍ତିତ୍ୱ ତାଜମହଲ ଚା'ର ତିନୋଟି ପାରାମିଟର ପାଇଁ ପ୍ରଥମ ପସନ୍ଦ । କାରଣ ଜାକିର ଥିଲେ କେବଳ ଦେଶର ଜଣେ ମହାନ୍ ତବଲା ବାଦକ । ସେ ରହୁଥିଲେ ଆମେରିକାରେ, ତାଙ୍କର ଥିଲା ଅନେକ ସ୍ୱତନ୍ତ୍ରତା ।

ଆଉ ଜାକିର ହୁସେନ୍ ତାଜମହଲ ଚା ବିଜ୍ଞାପନ ପାଇଁ ଆସିଥିଲେ ଆଗ୍ରା । ବିଜ୍ଞାପନର ସୁଟିଂ ସମୟରେ ପୃଷ୍ଠଭୂମିରେ ରହିଥିଲା ତାଜମହଲ । ଯେତେବେଳେ ଜାକିର ହୁସେନ୍ ଚା ପିଇଲେ, 'ୱା, ଉସ୍ତାଦ୍ ୱାହ !' କିନ୍ତୁ ଜାକିର ହୁସେନ୍ କହିଥିଲେ 'ସାର, କୁହନ୍ତୁ ୱାଃ ତାଜ୍' । କେବଳ ଜାକିର ହୁସେନ୍ ନୁହେଁ ଅନ୍ୟ ଜଣେ ତବଲା ବାଦକ ଆଦିତ୍ୟ କଲ୍ୟାଣପୁର ବି ନଜର ଆସିଥିଲେ ବିଜ୍ଞାପନରେ ।

ଜାକିର ହୁସେନ୍, ତାଜମହଲ ଚା'ର ଯୁଗଳବନ୍ଦୀ ଆଣିଥିଲା ସଫଳତା । ଅନେକ ଲୋକ ଚା ସହ ଜାକିରଙ୍କ ପ୍ରତିଭା ବି ଜାଣିଥିଲେ । ଘରେ ଘରେ ତାଜ୍ ଘରେ ଘରେ ଉସ୍ତାଦ ଭାବେ ଗଣାଗଲେ । ଜାକିରଙ୍କ ପାଇଁ ତାଜମହଲ ଚାକୁ ଭାରତୀୟ ବଜାରରେ ମିଳିଥିଲା ଭଲ ରେସପଣ୍ଡ। ଆଜି ପର୍ଯ୍ୟନ୍ତ ବି କମ୍ପାନୀ ସେହି ମହାନ ତବଲିଷ୍ଟ ପାଖରେ ଋଣୀ ।


## ପୁରୁଷଙ୍କ ବିଷୟରେ ଆଶ୍ଚର୍ଯ୍ୟଜନକ ଖୁଲାସା; ଶୀଘ୍ର ବୃଦ୍ଧ ହୁଅନ୍ତି ଅବିବାହିତ

କୁହାଯାଏ ଯେ, ଅବିବାହିତ ଲୋକମାନେ ଅଧିକ ଖୁସି ହୁଅନ୍ତି। କାହିଁକିନା ସେମାନେ ନିଜ ଜୀବନକୁ ମୁକ୍ତ ଭାବରେ ବଞ୍ଚନ୍ତି। କିଛି ରୋକ-ଟୋକ୍ ନାହିଁ। ପୂରା ସ୍ୱାଧୀନ ଜୀବନ। ଏହି କାରଣରୁ, ପୁରୁଷମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ଅନୁଭବ ବି କରନ୍ତି। ଆପଣ ଏମିତି ଭାବୁଥିବେ । ଠିକ୍ କହିଲି ନା... କିନ୍ତୁ ଏମିତି ନୁହେଁ। ନୂଆ ଗବେଷଣାରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଆସିଛି ସାମ୍ନାକୁ। ରିପୋର୍ଟ କହୁଛି ଅବିବାହିତ ପୁରୁଷମାନେ ଶୀଘ୍ର ବୁଢ଼ା ହୋଇଯାଆନ୍ତି।

ଯେତେବେଳେକି ବିବାହିତ ପୁରୁଷଙ୍କ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧୀର । ସରଳ ଭାଷାରେ କହିବାକୁ ଗଲେ ଅବିବାହିତ ଲୋକମାନେ ଶୀଘ୍ର ବୁଢ଼ା ହୋଇଯାଆନ୍ତି ଆଉ ବିବାହିତ ପୁରୁଷମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ରୁହନ୍ତି । ଅବଶ୍ୟ, ଏହା କେବଳ ପୁରୁଷମାନଙ୍କ କ୍ଷେତ୍ରରେ ହୋଇଥାଏ ଏବଂ ମହିଳାମାନଙ୍କ କ୍ଷେତ୍ରରେ ଏପରି ପରିବର୍ତ୍ତନ ହୁଏ ନାହିଁ ।

ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁଯାୟୀ, ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିବାହିତ ପୁରୁଷଙ୍କ ବୟସ ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ଧୀରେ ବଢ଼ିଥାଏ। ଏହି ଅଧ୍ୟୟନ ସୋସିଆଲ୍ ୱାର୍କ ଜର୍ଣ୍ଣାଲ୍ ରେ ପ୍ରକାଶିତ ହୋଇଛି। ଏଥିରେ ବୈଜ୍ଞାନିକମାନେ ୪୫ରୁ ୮୫ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଏବଂ ଗୁଣବତ୍ତାକୁ ନେଇ ୨୦ ବର୍ଷ ପର୍ଯ୍ୟନ୍ତ ଅଧ୍ୟୟନ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଜାଣିବା ଯେ, ବିବାହର ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡିଥାଏ । ଏହି ଅନୁସନ୍ଧାନରେ, ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ସାମାଜିକ ଜୀବନ ଏବଂ ବୟସ ସମ୍ବନ୍ଧୀୟ କଥାକୁ ଧ୍ୟାନରେ ରଖି ମୂଲ୍ୟାଙ୍କନ କରାଯାଇଥିଲା । ଯେଉଁଥିରେ ଜଣାପଡିଛି ଯେ ବିବାହିତ ପୁରୁଷମାନେ ସେମାନଙ୍କର ଅବିବାହିତ ବନ୍ଧୁମାନଙ୍କ ଅପେକ୍ଷା ଠିକ୍ ଭାବରେ ବୟସ ବଢ଼ାଇବାରେ ସଫଳତା ହାସଲ କରନ୍ତି। ଯଦିଓ, ଏହା ସେତେବେଳେ ହୁଏ, ଯେତେବେଳେ ସେହି ବ୍ୟକ୍ତି ଜୀବନସାରା ବିବାହିତ ରୁହେ। ଯଦି ସେମାନଙ୍କର ବିବାହ ଭାଙ୍ଗିଯାଏ କିମ୍ବା ସେମାନଙ୍କ ସାଥୀଙ୍କ ମୃତ୍ୟୁ ହୁଏ ଏହା ସେମାନଙ୍କର ବାର୍ଦ୍ଧକ୍ୟ ପ୍ରକ୍ରିୟାରେ ନକାରାତ୍ମକ ପ୍ରଭାବ ପକାଇଥାଏ ।

ଅନ୍ୟପଟେ ବିବାହିତ ମହିଳା ଓ ଅବିବାହିତ ମହିଳାମାନେ ବାର୍ଦ୍ଧକ୍ୟ ଦୃଷ୍ଟିରୁ ପ୍ରାୟତଃ ସମାନ। ଯେଉଁ ମହିଳାମାନେ ବିବାହିତ କିନ୍ତୁ ପରେ ଛାଡପତ୍ର କିମ୍ବା ବିଧବା ହେଉଛନ୍ତି ସେ ଅବିବାହିତ ମହିଳା ଠାରୁ ଅଧିକ ଦୁଃଖିତ। ଗବେଷଣା ଅନୁଯାୟୀ, ମହିଳାମାନେ ପ୍ରାୟତଃ ଏକାକୀ ରହିବାରେ ଅଧିକ ଖୁସି ହୁଅନ୍ତି, କିନ୍ତୁ ପୁରୁଷଙ୍କ ପାଇଁ ଏହା କଷ୍ଟସାଧ ଅଟେ। ମହିଳାମାନେ ଏକାକୀ ରହିବାରେ ଅଧିକ ସନ୍ତୁଷ୍ଟ ଏବଂ ରୋମାଣ୍ଟିକ ସମ୍ପର୍କ କମ୍ ଆବଶ୍ୟକ ଥାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ମହିଳାମାନେ ନିଜ ସାଙ୍ଗ ଏବଂ ପରିବାରଠାରୁ ଅଧିକ ସମର୍ଥନ ପାଇଥାନ୍ତି, ଯେତେବେଳେ ବିବାହରେ ସେମାନଙ୍କୁ ଘର କାମରେ ବ୍ୟସ୍ତ ରହିବାକୁ ପଡିଥାଏ। ଗବେଷଣାରେ ଦର୍ଶାଯାଇଛି ଯେ, ବିବାହିତ ଲୋକମାନେ ଏକାକୀ ରହୁଥିବା ଲୋକଙ୍କ ଅପେକ୍ଷା ସ୍ୱାସ୍ଥ୍ୟକର । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ବିବାହ ପୁରୁଷଙ୍କ ମୃତ୍ୟୁ ହାରକୁ ଏକ ତୃତୀୟାଂଶ ହ୍ରାସ କରିଥାଏ। ଏହା ବ୍ୟତୀତ ପ୍ରକୃତି ମାନବ ଆଚରଣ ପତ୍ରିକାର ଅନ୍ୟ ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିବାହିତ ବ୍ୟକ୍ତିଙ୍କ ଅପେକ୍ଷା ଅବିବାହିତ ବ୍ୟକ୍ତି ମାନସିକ ସମସ୍ୟାରେ ଅଧିକ ପୀଡିତ। ଏମିତି କି ବିବାହିତ ଲୋକମାନଙ୍କ ଅପେକ୍ଷା ଅବିବାହିତ ଲୋକମାନେ ଡିପ୍ରେସନର ଶିକାର ହେବାର ୭୯% ଅଧିକ।



## ଡାଇନାମାଇଟର ଉଭାବକ ବୈଜ୍ଞାନିକଙ୍କ ସମ୍ପତ୍ତିରୁ ନୋବେଲ ପୁରସ୍କାରର ସୃଷ୍ଟି

ପ୍ରଥମ ନୋବେଲ ପୁରସ୍କାର ୧୦ ଡିସେମ୍ବର ୧୯୦୧ରେ ସ୍ୱିଡେନର ଷ୍ଟକହୋମରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଚିକିତ୍ସା, ସାହିତ୍ୟ ଏବଂ ଶାନ୍ତି କ୍ଷେତ୍ରରେ ପ୍ରଦାନ କରାଯାଇଥିଲା । ଡାଇନାମାଇଟ୍ ଏବଂ ଅନ୍ୟାନ୍ୟ ଉଚ୍ଚ ବିସ୍ଫୋରକ ସାମଗ୍ରୀର ସ୍ୱିଡେନ ଉଭାବକ ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁର ପଞ୍ଚମ ବାର୍ଷିକୀରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା।

ତାଙ୍କ ସମ୍ପତ୍ତିରେ, ନୋବେଲ ନିର୍ଦ୍ଦେଶ ଦେଇଥିଲେ ଯେ ତାଙ୍କର ବିପୁଳ ସମ୍ପତ୍ତିର ଏକ ଅଂଶ ଏକ ପାଣ୍ଠିରେ ରଖାଯିବ । ଯେଉଁଥିରେ ସୁଧହାରରେ ପୁରସ୍କାର ଭାବରେ ବଣ୍ଟନ କରାଯିବ । ଯେଉଁମାନେ ପୂର୍ବ ବର୍ଷରେ ମାନବଜାତି ପାଇଁ ସର୍ବାଧିକ ଲାଭ ପ୍ରଦାନ କରିଥାନ୍ତେ ।

**କେମିତି ହୋଇଥିଲା ନୋବେଲ ପୁରସ୍କାରର ଯାତ୍ରା:**

ଯଦିଓ ପୁରସ୍କାର ପ୍ରତିଷ୍ଠା ପାଇଁ ନୋବେଲ କୌଣସି ସାର୍ବଜନୀନ କାରଣ ଦେଇନାହାଁନ୍ତି । ତଥାପି ଯୁଦ୍ଧରେ ତାଙ୍କ ଉଭାବନଗୁଡ଼ିକର ସାଂଘାତିକ ବ୍ୟବହାରକୁ ନେଇ ସେ ନୈତିକ ଅନୁତାପରୁ ଏପରି କରିଛନ୍ତି ବୋଲି ସାଧାରଣରେ ବିଶ୍ୱାସ କରାଯାଏ।

**ସ୍ୱିଡେନରେ ହୋଇଥିଲା ନୋବେଲ ଜନ୍ମ:**

ଆଲଫ୍ରେଡ୍ ବର୍ନହର୍ଡ ନୋବେଲ ୧୮୩୩ ମସିହାରେ ଷ୍ଟକହୋମରେ ଜନ୍ମଗ୍ରହଣ କରିଥିଲେ । ଚାରି ବର୍ଷ ପରେ ତାଙ୍କ ପରିବାର ଋଷକୁ ଚାଲିଗଲେ । ତାଙ୍କ ପିତା ସେଣ୍ଟ ପିଟର୍ସବର୍ଗରେ ଏକ ସଫଳ କାରଖାନା ଚଳାଇ ଖଣି ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ତିଆରି କରିଥିଲେ । ଋଷ, ପ୍ୟାରିସ୍ ଏବଂ ଯୁକ୍ତରାଷ୍ଟ୍ରରେ ଆଲଫ୍ରେଡ୍ ନୋବେଲ ଜଣେ ଉଜ୍ଜ୍ୱଳ ରସାୟନ ବିଜ୍ଞାନୀ ଭାବରେ ପ୍ରମାଣିତ ହୋଇଥିଲେ।

**ସର୍ବଦା ବିପଜ୍ଜନକ ବିସ୍ଫୋରକ ସହିତ ପରୀକ୍ଷଣ:**

କ୍ରାଇମ ଯୁଦ୍ଧ ଶେଷ ହେବା ପରେ ଯେତେବେଳେ ତାଙ୍କ ପିତାଙ୍କ ବ୍ୟବସାୟ ବିଫଳ ହେଲା । ନୋବେଲ ସ୍ୱିଡେନକୁ ଫେରି ବିସ୍ଫୋରକ ସାମଗ୍ରୀ ପରୀକ୍ଷା କରିବା ପାଇଁ ଏକ ଲାବୋରେଟୋରୀ ସ୍ଥାପନ କରିଥିଲେ । ୧୮୬୩ ମସିହାରେ, ସେ ନାଇଟ୍ରୋଗ୍ଲେସିରିନ୍ ବିସ୍ଫୋରଣକୁ ନିୟନ୍ତ୍ରଣ କରିବାର ଏକ ଉପାୟ ଉଭାବନ କରିଥିଲେ, ଯାହାକି ଅତ୍ୟଧିକ ଅସ୍ଥିର ତରଳ ଯାହାକି ନିକଟରେ ଆବିଷ୍କୃତ ହୋଇଥିଲା କିନ୍ତୁ ଏହା ବ୍ୟବହାର ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଉଥିଲା ।

ପରୀକ୍ଷଣ ସମୟରେ ବିସ୍ଫୋରଣ ହେତୁ ଚାଲିଗଲେ ଭାଇ

ଦୁଇ ବର୍ଷ ପରେ, ନୋବେଲ ବ୍ଲାଷ୍ଟିଂ କ୍ୟାପ୍ ଉଭାବନ କରିଥିଲା, ଏକ ଉନ୍ନତ ଡିଟୋନେଟର ଯାହା ଉଚ୍ଚ ବିସ୍ଫୋରକ ସାମଗ୍ରୀର ଆଧୁନିକ ବ୍ୟବହାରକୁ ଉଦ୍‌ଘାଟନ କରିଥିଲା । ନାଇଟ୍ରୋଗ୍ଲେସିରିନ୍ ବିପଜ୍ଜନକ ରହିଲା, କିନ୍ତୁ ୧୮୬୪ ମସିହାରେ ନୋବେଲର ନାଇଟ୍ରୋଗ୍ଲେସିରିନ୍ କାରଖାନା ବିସ୍ଫୋରଣ ହୋଇ ତାଙ୍କ ସାନଭାଇ ଏବଂ ଅନେକଙ୍କୁ ହତ୍ୟା କଲା ।

ଏକ ନିରାପଦ ବିସ୍ଫୋରକ ସନ୍ଧାନ କରି ନୋବେଲ ୧୮୬୭ ମସିହାରେ ଆବିଷ୍କାର କଲେ ଯେ ନାଇଟ୍ରୋଗ୍ଲାଇସେରିନ୍ ଏବଂ କିସେଲଗୁହର୍ ନାମକ ଏକ ଖଣ୍ଡିଆ ପଦାର୍ଥର ମିଶ୍ରଣ ଏକ ଅତ୍ୟଧିକ ବିସ୍ଫୋରକ ମିଶ୍ରଣ ସୃଷ୍ଟି କରିଥିଲା ଯାହା ପରିଚାଳନା ଏବଂ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ନିରାପଦ ଥିଲା।

30 YEARS
ସମ୍ବାଦ କଳିକା
ଭୁବନେଶ୍ବର, ୨୫ ଡିସେମ୍ବର, ବୁଧବାର, ୨୦୨୪

# ଜିଓ ସିନେମା ନୁହେଁ, ଏବେ ହଟଷ୍ଟାରରେ ହେବ ଟିମ୍ ଇଣ୍ଡିଆ ମ୍ୟାଚ୍‌ର ସିଧା ପ୍ରସାରଣ

**ନୂଆଦିଲ୍ଲୀ**

ଭାରତରେ କ୍ରିକେଟ୍ ପ୍ରେମୀଙ୍କୁ କ୍ରିକେଟ୍ ମ୍ୟାଚ୍‌ର ସିଧା ପ୍ରସାରଣ ଉପଭୋଗ କରିବା ଦର୍ଶକଙ୍କ ପାଇଁ ଆହୁରି ସରଳ ହେବ। ସଂପ୍ରତି ଭାରତୀୟ କ୍ରିକେଟ୍ ଦଳର ଘରୋଇ ମ୍ୟାଚ୍‌ର ସିଧା ପ୍ରସାରଣର ଓଟିଟି ମିଡିଆ ରାଇଟ୍ସ ଜିଓ ପାଖରେ ରହିଛି। ତେଣୁ ଭାରତରେ ଖେଳାଯାଉଥିବା ସବୁ କ୍ରିକେଟ୍ ମ୍ୟାଚ୍‌ର ପ୍ରସାରଣ ଜିଓ ସିନେମାରେ ହେଉଛି। ମାତ୍ର ଆସନ୍ତା ବର୍ଷ ଜାନୁଆରୀ-ଫେବୃଆରୀରେ ଖେଳାଯିବାକୁ ଥିବା ଭାରତ ବନାମ ଇଂଲଣ୍ଡ ଦ୍ୱିପାକ୍ଷିକ ଟି-୨୦ ଓ ଦିନିକିଆ ସିରିଜର ପ୍ରସାରଣ ଜିଓ ସିନେମାରେ ହେବ ନାହିଁ। ଏହା ବ୍ୟତୀତ ସ୍ପୋର୍ଟ୍ସ ୧୮ରେ ମଧ୍ୟ ସିଧା ପ୍ରସାରଣ ହେବ ନାହିଁ। ଏହାର କାରଣ ଜିଓ ଓ ଷ୍ଟାରର ମର୍ଜର ହୋଇ ସାରିଛି। ଖୋଦ୍ ଷ୍ଟାର ସ୍ପୋର୍ଟ୍ସ ନିଜର ଏକ୍ସ ହ୍ୟାଣ୍ଡେଲରେ ଏହାର ସୂଚନା ଦେଇଛି।

କ୍ରିକେଟ୍ ପ୍ରେମୀ ଭାରତ ବନାମ ଇଂଲଣ୍ଡ ଟି-୨୦ ଓ ଦିନିକିଆ ସିରିଜ୍‌ର ସିଧା ପ୍ରସାରଣ ଜିଓ ସିନେମା ବଦଳରେ ହଟଷ୍ଟାରରେ ଦେଖି ପାରିବେ। ଗତ ବର୍ଷ ଭାୟକମ ୧୮ ଭାରତୀୟ କ୍ରିକେଟ ଦଳର ଘରୋଇ ମ୍ୟାଚ୍‌ର ମିଡିଆ ରାଇଟ୍ସ କିଣିଥିଲା। ଏଥିସହ ଆଇପିଏଲର ଡିଜିଟାଲ୍ ରାଇଟ୍ସ ମଧ୍ୟ ଜିଓ ସିନେମା କିଣି ନେଇଥିଲା। କିନ୍ତୁ କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସିର ଖବର ଏବେ ଦୁଇ କମ୍ପାନି ଏକାଠି ମିଶି ଯାଇଛନ୍ତି। ଖୁବ୍ ଶୀଘ୍ର ଜିଓ ସିନେମା ଓ ଡିଜନି ପ୍ଲସ ହଟଷ୍ଟାର ନୂଆ ରୂପ ନେଇ ଜିଓଷ୍ଟାର ଭାବେ ସାମ୍ନାକୁ ଆସିବ।

ସୂଚନାଯୋଗ୍ୟ, ଭାୟକମ ୧୮ ୨୦୨୩-୨୮ ଚକ୍ର ପାଇଁ ଭାରତୀୟ କ୍ରିକେଟ୍ ଦଳର ଘରୋଇ ମ୍ୟାଚର ଟିଭି ଓ ଡିଜିଟାଲ ରାଇଟ୍ସ ହାସଲ କରିଥିଲା। ଏହା ପରଠୁ ସ୍ପୋର୍ଟ୍ସ ୧୮ରେ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟର ସିଧା ପ୍ରସାରଣ ଚାଲିଥିଲା। ଡିଜିଟାଲରେ ଜିଓ ସିନେମାରେ ମ୍ୟାଚ୍‌ର ସିଧା ପ୍ରସାରଣ ହେଉଥିଲା। କିନ୍ତୁ ଏବେ ନୂଆ ବର୍ଷରୁ ଦର୍ଶକ ଷ୍ଟାରରେ ମ୍ୟାଚ୍‌ର ଉପଭୋଗ କରିବେ। ଆଶା କରାଯାଉଛି ଡିଜ୍‌ନି ପ୍ଲସ୍ ହଟଷ୍ଟାରର ନାମ ଜିଓଷ୍ଟାର ହୋଇପାରେ। କେବଳ ଏହାର ଆନୁଷ୍ଠାନିକ ଘୋଷଣା ବାକି ରହିଛି।




## ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହେଲା ମ୍ୟାଚ୍ ସୂଚୀ

# ଫେବୃୟାରୀ ୨୩ରେ ଭାରତ-ପାକିସ୍ତାନ ଲଢ଼େଇ



**ନୂଆଦିଲ୍ଲୀ**

ବହୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର କ୍ରୀଡ଼ାସୂଚୀ ଘୋଷଣା କରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମୁକାବିଲା ଫେବୃଆରୀ ୨୩ରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାରତ ନିଜର ପ୍ରଥମ ମ୍ୟାଚ୍ ବାଂଲାଦେଶ ସହ ଦୁବାଇରେ ଖେଳିବ। ହାଇବ୍ରିଡ ମଡେଲ ଆଧାରରେ ହେବାକୁ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ନିଜର ସବୁ ମ୍ୟାଚ୍ ୟୁଏଇର ଦବୁାଇରେ ଖେଳିବ।

ଉଦ୍‌ଘାଟନୀ ମ୍ୟାଚ୍ ଫେବୃଆରୀ ୧୯ରେ କରାଚିରେ ଏବଂ ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୯ରେ ଲାହୋରରେ ଖେଳାଯିବ। ଯଦି ଭାରତୀୟ ଟିମ୍ ଫାଇନାଲ୍‌କୁ ଯାଏ, ତେବେ ଏହି ମ୍ୟାଚ୍ ଦୁବାଇରେ ଖେଳାଯିବ। ଚାମ୍ପିଅନ୍ସ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚ୍ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହା ପରେ ଫେବୃୟାରୀ ୨୦ରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଦୁବାଇରେ ଖେଳାଯିବ। ସେହିଭଳି ଫେବୃୟାରୀ ୨୨ରେ ଅଷ୍ଟ୍ରେଲିଆ ବାନାମ ଇଂଲଣ୍ଡ ମ୍ୟାଚ୍ ଥିବା ବେଳେ ଆଫଗାନିସ୍ତାନ ପ୍ରଥମେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବ।

ପାକିସ୍ତାନ ହାଇବ୍ରିଡ୍ ମଡେଲରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାକୁ ରାଜି ହୋଇଛି। ତେଣୁ ପାକିସ୍ତାନ ସହ ୟୁଏଇ ମଧ୍ୟ ଆୟୋଜନ ଅଧିକାର ପାଇଛି ବୋଲି ଆଇସିସି କହିଛି।

ହାଇବ୍ରିଡ ମଡେଲ ଅନୁଯାୟୀ, ପାକିସ୍ତାନ ଓ ୟୁଏଇରେ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ ଗୁଡ଼ିକ ଖେଳାଯିବ। ବିସିସିଆଇ, ଆଇସିସି ଓ ପିସିବି ମିଳିତ ଭାବେ ଏପରି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ୧୦ଟି ମ୍ୟାଚ ଆୟୋଜନ କରିବାକୁ ଯାଉଥିବା ବେଳେ ଭାରତର ୩ଟି ଯାକ ଲିଗ ପର୍ଯ୍ୟାୟ ମ୍ୟାଚ୍ ଦୁବାଇରେ ଖେଳାଯିବ। ଯଦି ଭାରତ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଉଛି, ତା'ହେଲେ ଗୋଟିଏ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ମଧ୍ୟ ଦୁବାଇରେ ଅନୁଷ୍ଠିତ ହେବ।

ଯଦି ଭାରତ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଉଛି, ତା'ହେଲେ ଦୁଇଟି ଯାକ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ପାକିସ୍ତାନର ଲାହୋର ଓ ରାୱଲପିଣ୍ଡିରେ ଖେଳାଯିବ।

**ଚାମ୍ପିୟନ୍ସ ଟ୍ରଫି ଗ୍ରୁପ**

ଗ୍ରୁପ ଏ- ବାଂଲାଦେଶ, ଇଣ୍ଡିଆ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ
ଗ୍ରୁପ ବି- ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା

**ଚାମ୍ପିୟନ୍ସ ଟ୍ରଫି ସିଡ୍ୟୁଲ**

ଫେବୃୟାରୀ ୧୯- ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ(କରାଚି)
ଫେବୃୟାରୀ ୨୦- ବାଂଲାଦେଶ ବନାମ ଇଣ୍ଡିଆ(ଦୁବାଇ)
ଫେବୃୟାରୀ ୨୧- ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା (କରାଚି)
ଫେବୃୟାରୀ ୨୨- ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ଲାହୋର)
ଫେବୃୟାରୀ ୨୩- ପାକିସ୍ତାନ ବନାମ ଭାରତ(ଦୁବାଇ)
ଫେବୃୟାରୀ ୨୪- ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ(ରାୱଲପିଣ୍ଡି)
ଫେବୃୟାରୀ ୨୫- ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା( ରାୱଲପିଣ୍ଡି)
ଫେବୃୟାରୀ ୨୬- ଆଫଗାନିସ୍ତାନ ବନାମ ଇଂଲଣ୍ଡ (ଲାହୋର)
ଫେବୃୟାରୀ ୨୭- ପାକିସ୍ତାନ ବନାମ ବାଂଲାଦେଶ (ରାୱଲପିଣ୍ଡି)
ଫେବୃୟାରୀ ୨୮- ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ(ଲାହୋର)
ମାର୍ଚ୍ଚ ୧- ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ(କରାଚି)
ମାର୍ଚ୍ଚ ୨- ନ୍ୟୁଜିଲାଣ୍ଡ ବନାମ ଭାରତ (ଦୁବାଇ)
ମାର୍ଚ୍ଚ ୪- ପ୍ରଥମ ସେମି ଫାଇନାଲ(ଦୁବାଇ/ଯଦି ଭାରତ ଯୋଗ୍ୟତା ଅର୍ଜନ କରିବ)
ମାର୍ଚ୍ଚ ୫- ଦ୍ୱିତୀୟ ସେମି ଫାଇନାଲ(ଲାହୋର)
ମାର୍ଚ୍ଚ ୯- ମେଗା ଫାଇନାଲ (ଲାହୋର/ଯଦି ଭାରତ ଯୋଗ୍ୟତା ଅର୍ଜନ ନ କରିବ)

# ଏକ ମାସ ହସ୍ପିଟାଲରେ ରହିବେ ବିନୋଦ କାମ୍ବଲି : ମାର୍କସ



**ନୂଆଦିଲ୍ଲୀ**

ବିପଦ କିଛି ମାତ୍ରାରେ ଟଳି ଯାଇଛି। କିନ୍ତୁ ଭାରତୀୟ ଟିମ୍‌ର ପୂର୍ବତନ କ୍ରିକେଟର ବିନୋଦ କାମ୍ବଲି ଏଯାଏ ସୁସ୍ଥ ହୋଇନାହାନ୍ତି। ତାଙ୍କ ଅବସ୍ଥା ଭଲ ନଥିବାରୁ ସେ ଏବେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇପାରିବେ ନାହିଁ। ଶନିବାର କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଥାଣେ ସ୍ଥିତ ଆକୃତି ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ଶନିବାର ଠାରୁ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। କିଛି ଦିନର ଚିକିତ୍ସା ପରେ କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ହେଲେ ସେ ପୂରା ଠିକ୍ ହୋଇନାହାନ୍ତି। କାମ୍ବଲିଙ୍କ ବନ୍ଧୁ ମାର୍କସ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବଡ଼ ଅପଡେଟ୍ ଦେଇଛନ୍ତି। କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲେ ହେଁ ମାର୍କସ ପୂର୍ବତନ କ୍ରିକେଟରଙ୍କୁ ଗୋଟିଏ ମାସ ଯାଏ ହସ୍ପିଟାଲରେ ରଖିବାକୁ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି, "କାମ୍ବଲି ଏବେ ଭଲ ଅଛନ୍ତି। ସେ ପରିସ୍ରା ସଂକ୍ରମଣରେ ପଡ଼ିଥିଲେ ଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ମୁଁ ତାଙ୍କୁ ହସ୍ପିଟାଲରେ ଭେଟିଛି। ମୁଁ ଡାକ୍ତରମାନଙ୍କୁ କହିଛି ଯେ କାମ୍ବଲିଙ୍କୁ ସେମାନେ ମାସାଧିକାଳ ହସ୍ପିଟାଲରେ ରଖନ୍ତୁ। କାରଣ ସେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି। କାମ୍ବଲିଙ୍କ ଚିକିତ୍ସା ପାଇଁ ଯଦି କେହି ଟଙ୍କା ଦେବାକୁ ରାଜି ଅଛନ୍ତି, ତା'ହେଲେ ସେମାନେ କାହିଁକି ତାଙ୍କୁ ହସ୍ପିଟାଲରେ ରଖିବେ ନାହିଁ ?"

ଆକୃତି ହସ୍ପିଟାଲର ଜଣେ ଡାକ୍ତର କହିଛନ୍ତି, "ସାର(ବିନୋଦ କାମ୍ବଲି)ଙ୍କୁ ନେଇ ଆମ ମୁଣ୍ଡରେ ସବୁବେଳେ କ୍ରିକେଟିଂ ଛବି ରହିଛି। ତେଣୁ ଏହା ଆମକୁ ପ୍ରେରଣା ଯୋଗାଇ ଚାଲିଛି ଯେ ସାର ଆମକୁ ଚାହୁଁଛନ୍ତି ଓ ପୂରା ଟିମ୍ ସାରଙ୍କ ପାଇଁ କିଛି କରିବାର ନିଷ୍ପତ୍ତି ନେଇଛି। ସେ ଆମକୁ ତାଙ୍କ ଭଲ ସ୍ମୃତି ସମ୍ପର୍କରେ କହୁଛନ୍ତି।"

କାମ୍ବଲି ମଧ୍ୟ ହସ୍ପିଟାଲ ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବାରେ ବେଶ୍ ଖୁସି ଅନୁଭବ କରିଛନ୍ତି। ହସ୍ପିଟାଲ ହିଁ ତାଙ୍କୁ ବଞ୍ଚାଇ ରଖିଥିବା ସେ କହିଛନ୍ତି।

# ହରମନପ୍ରୀତ ଓ ପ୍ରବୀଣ କୁମାର ପାଇବେ 'ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ', ବାଦ୍ ପଡ଼ିଲେ ସୁଟର

**ନୂଆଦିଲ୍ଲୀ**

ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂହ ଏବଂ ପାରା ଆଥଲେଟ୍ ପ୍ରବୀଣ କୁମାର ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ' ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମାତ୍ର ପ୍ୟାରିସ୍ ଅଲିମ୍ପିକ୍ସରେ ଡବଲ୍ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିବା ତାରକା ସୁଟର ମନୁ ଭାକରଙ୍କ ନାମ ତାଲିକାରେ ସାମିଲ ନହେବା ସମସ୍ତଙ୍କୁ ଚକିତ କରିଛି। ଅନ୍ୟ ପଟରେ ଅର୍ଜୁନ ପୁରସ୍କାର ପାଇଁ ୩୦ଜଣଙ୍କ ନାମ ସୁପାରିସ୍ କରାଯାଇଛି।

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରାମସୁବ୍ରମଣ୍ୟନଙ୍କ ଅଧ୍ୟକ୍ଷତାରେ ୧୨ଜଣିଆ ଚୟନ କମିଟି 'ଖେଳରତ୍ନ' ପୁରସ୍କାର ପାଇଁ ହର୍ମନପ୍ରୀତ ଓ ପ୍ରବୀଣଙ୍କ ନାମ ମନୋନୀତ କରିଥିଲେ। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ହରମନପ୍ରୀତଙ୍କ ନେତୃତ୍ୱରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେ ଦଳର ସର୍ବାଧିକ ଗୋଲ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ସେହିପରି ପାରା ଆଥଲେଟ ପ୍ରବୀଣ ପୁରୁଷ ହାଇଜମ୍ପ ଟି-୬୪ ବର୍ଗରେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ।

ସେ ୨.୦୮ମିଟର ଉଚ୍ଚ ଜମ୍ପ କରି ଏସୀୟ ରେକର୍ଡ଼ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ତାଙ୍କର ଦ୍ୱିତୀୟ ଅଲିମ୍ପିକ୍ସ ପଦକ ରହିଥିଲା। ଗତ ଟୋକିଓ ଅଲିମ୍ପିକ୍ସରେ ସେ ରୌପ୍ୟ ଜିତିଥିଲେ।



ପ୍ୟାରିସ୍ ଅଲିମ୍ପିକ୍ସରେ ୨ଟି ବ୍ରୋଞ୍ଜ ପଦକ ଜିତିଥିବା ମନୁ 'ଖେଳରତ୍ନ' ପୁରସ୍କାର ତାଲିକାରେ ସ୍ଥାନ ନପାଇବା କ୍ରୀଡ଼ାପ୍ରେମୀଙ୍କୁ ମର୍ମାହତ କରିଛି। ସେ ଏହି ପୁରସ୍କାର ପାଇଁ ଆବେଦନ କରିନଥିବା କ୍ରୀଡ଼ାମନ୍ତ୍ରଣାଳୟର ଜଣେ ଅଧିକାରୀ ସଫେଇ ଦେଇଛି। ମାତ୍ର ମନୁଙ୍କ ପରିବାର ଏହାକୁ ଖଣ୍ଡନ କରିଛନ୍ତି।

ସେ ଏହି ପୁରସ୍କାର ଆବେଦନ କରିଥିଲେ ବୋଲି ସ୍ପଷ୍ଟ କରିଛନ୍ତି। ନିକଟରେ ମନୁ ସୋସିଆଲ୍ ମିଡିଆରେ ଲେଖିଥିଲେ, ମୁଁ 'ଖେଳରତ୍ନ' ପୁରସ୍କାର ପାଇବାକୁ ହକ୍‌ଦାର କି ନାହିଁ ? ଏହାକୁ ନେଇ ସୋସିଆଲ୍ ମିଡିଆ ଅନୁଗାମୀମାନେ ତାଙ୍କୁ ସମାଲୋଚନା କରିଥିଲେ। ଫଳରେ ସେ ନିଜ ପୋଷ୍ଟକୁ ଡିଲିଟ୍ କରି ଦେଇଥିଲେ। ମନୁ ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ୟକ୍ତିଗତ ମହିଳା ଏୟାର ପିସ୍ତଲ (୧୦ମିଟର) ଏବଂ ମିକ୍ସଡ୍ ଟିମ୍ (ସରବଜୋତ ସିଂହଙ୍କୁ ସାଥୀ କରି)ରେ ବ୍ରୋଞ୍ଜ ପଦକ ଜିତିଥିଲେ।

ଭାରତୀୟ ଜାତୀୟ ରାଇଫଲ ଆସୋସିଏସନ(ଏନ୍‌ଆରଏଆଇ) ମନୁଙ୍କ ନାମ ସୁପାରିସ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ଆସୋସିଏସନ୍‌ର ସଭାପତି କଳିକେଶ ନାରାୟଣ ସିଂହଦେଓ ମନୁଙ୍କ ନାମ ସାମିଲ କରିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟକୁ ପତ୍ର ଲେଖିଥିବା ଜଣାଇଛନ୍ତି। ସେ କହିଛନ୍ତି, ଆମେ କ୍ରୀଡ଼ା ମନ୍ତ୍ରାଳୟ ସହ ଯୋଗଯୋଗ କରିଛୁ। ତାଙ୍କ ନାମ ସାମିଲ କରିବା ପାଇଁ ଆମେ ଲିଖିତ ଭାବେ ଜଣାଇଛୁ।

ଗତ ବର୍ଷ ଭାରତୀୟ ପେସ୍ ବୋଲର ମହମ୍ମଦ ସାମି ଅର୍ଜୁନ ପୁରସ୍କାର ପାଇଁ ଆବେଦନ କରିନଥିଲେ। ମାତ୍ର ବିସିସିଆଇର ହସ୍ତକ୍ଷେପ ପରେ ତାଙ୍କୁ ପୁରସ୍କାର ତାଲିକାରେ ସାମିଲ କରାଯାଇଥିଲା। ଜାତୀୟ କ୍ରୀଡ଼ା ଦିବସ ପୁରସ୍କାର କମିଟି ସୋ ମୋଟୋ କଗ୍ନିଜେନ୍ସ ନିୟମରେ ସାମିଙ୍କୁ ତାଲିକାଭୁକ୍ତ କରିଥିଲେ। ମନୁଙ୍କ କ୍ଷେତ୍ରରେ କମିଟି ଏହି ନିୟମ ଆପଣେଇବା ଆଶା କରାଯାଉଛି।

# ଚେସ୍‌ରେ ବିଶ୍ୱ ରେକର୍ଡ କଲେ ଚନ୍ଦ୍ରବାବୁଙ୍କ ୯ ବର୍ଷର ନାତି

**ନୂଆଦିଲ୍ଲୀ**



ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କ ନାତି ତଥା ମନ୍ତ୍ରୀ ନାରା ଲୋକେଶଙ୍କ ପୁଅ ଦେବାଂଶ ଚେସ୍‌ରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ୯ ବର୍ଷିୟ ଦେବାଂଶ ଦ୍ରୁତତମ ଚେକ୍ ମେଟ୍ ସଲଭର-୧୭୫ ପଜଲ୍ ପାଇଁ ବିଶ୍ୱ ରେକର୍ଡ ଜିତିଛନ୍ତି। ସମ୍ମାନଜନକ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ ଲଣ୍ଡନରୁ ସରକାରୀ ପ୍ରମାଣପତ୍ର ଗ୍ରହଣ କରିଛି। ଏହି ସଫଳତାରେ ନାରାଙ୍କ ପରିବାର ଆନନ୍ଦ ପ୍ରକାଶ କରିଥିଲେ। ନାରା ଲୋକେଶ ଖୁସି ବ୍ୟକ୍ତ କରିଛନ୍ତି ଯେ ସେ ଲେଜର ତୀକ୍ଷ୍ଣ ଧ୍ୟାନ ଦେଇ ଦେବାଂଶ ପ୍ରଶିକ୍ଷଣ ଦେଖିଛନ୍ତି। ଦେବାଂଶ ଏହି ଖେଳକୁ ଅତି ସ୍ନେହରେ ଗ୍ରହଣ କରିଥିଲେ। ବିଶ୍ୱ ମଞ୍ଚରେ ଭାରତୀୟ ଚେସ ଖେଳାଳିଙ୍କ ଚମତ୍କାର ଏବଂ ଐତିହାସିକ ପ୍ରଦର୍ଶନ ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ସେ ଗତ କିଛି ସପ୍ତାହ ପାଇଁ ଦିନକୁ ୫.୬ ଘଣ୍ଟା ତାଲିମ ଦେଇଥିଲେ। ଚେସ ଶିକ୍ଷା ଶିଖାଇ ଥିବାରୁ ରୟ ଚେସ ଏକାଡେମୀକୁ ଧନ୍ୟବାଦ ବୋଲି ଲୋକେଶ କହିଛନ୍ତି। କୋଚ୍ କେ. ରାଜାସେଖର ରେଡ୍ଡୀ କହିଛନ୍ତି ଯେ ଦେବନ୍ ଜଣେ ଗତିଶୀଳ ଛାତ୍ର ଯିଏ ଚେସ୍ ସୃଜନଶୀଳ ଭାବରେ ଶିଖନ୍ତି। ୧୭୫ ତାଙ୍କର ଏକ ମାନସିକ ଚତୁରତା ଥିଲା ଯାହା ତାଙ୍କୁ ଉତ୍ସାହର ସହିତ ଜଟିଳ ପଜଲ୍ ସମାଧାନ କରିବାରେ ସକ୍ଷମ କରିଥିଲା।

# ବୁମ୍‌ରାଙ୍କ ବୋଲିଂ ଷ୍ଟାଇଲଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଇଆନ୍ ମୋରିସ୍

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ନମ୍ବର ୱାନ ବୋଲର ତଥା ଉପ-ଅଧିନାୟକ ଜସପ୍ରୀତ ବୁମ୍‌ରା। କଙ୍ଗାରୁ ବାହିନୀଙ୍କ ପାଇଁ ସାଜିଛନ୍ତି ଘାତକ। ବର୍ଡର ଗାଭାସ୍କର ଟ୍ରଫିରେ ଦେଖାଉଛନ୍ତି କମାଲ୍। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ହଜାଇଛନ୍ତି ନିଦ। ତିନୋଟି ମ୍ୟାଚ୍‌ରେ ବୁମରା ୨୦ରୁ ଅଧିକ ୱିକେଟ୍ ନେଇଛନ୍ତି।

ବର୍ତ୍ତମାନ ବିଶ୍ୱ ନମ୍ବର ୧ ନମ୍ବର ଟେଷ୍ଟ ବୋଲର ବୁମ୍‌ରା ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍‌ଙ୍କୁ ବହୁତ ଅସୁବିଧାରେ ପକାଇଛନ୍ତି। ଅଷ୍ଟ୍ରେଲିଆର ବଡ଼ କିମ୍ବଦନ୍ତୀ ମଧ୍ୟ ତାଙ୍କ ବୋଲିଂର ପ୍ରଶଂସକ ଅଟନ୍ତି। ତେବେ ବର୍ତ୍ତମାନ ତାଙ୍କ ବୋଲିଂ ଷ୍ଟାଇଲକୁ ନେଇ ଉଠିଛି ପ୍ରଶ୍ନ। ମେଲବୋର୍ଣ୍ଣରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ଏହି ଭେଟେରାନଙ୍କ ବୋଲିଂ କାର୍ଯ୍ୟ ଶୈଳୀ ନେଇ ଆସିଛି ସଂଗୀନ ଅଭିଯୋଗ। ମେଲବର୍ଣ୍ଣ ଟେଷ୍ଟ ପୂର୍ବରୁ ବୁମ୍‌ରାଙ୍କ ବୋଲିଂ ଆକ୍ସନକୁ ନେଇ ଏକ ଆରମ୍ଭ ହୋଇଛି ବିତର୍କ।

ଅଷ୍ଟ୍ରେଲିଆର ଅଭିଜ୍ଞ କ୍ରିକେଟ୍ ପ୍ରସାରକ ଇଆନ୍ ମୋରିସ୍ ତାଙ୍କ ବୋଲିଂ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, 'କାହିଁକି ଭାରତୀୟ ଦ୍ରୁତ ବୋଲର ବୁମ୍‌ରାଙ୍କ ବଲକୁ କେହି ପ୍ରଶ୍ନ କଲେ ନାହିଁ? ଆଜିକାଲି ତାହା ରାଜନୈତିକ ଦୃଷ୍ଟିରୁ ଠିକ୍ ନୁହେଁ କି ? ମୁଁ କହୁ ନାହିଁ ଯେ ସେ ଫୋପାଡ଼ି ଦେଉଛନ୍ତି କିନ୍ତୁ ଅନ୍ତତଃ ପକ୍ଷେ ପ୍ରସବ ସମୟରେ ହାତର ସ୍ଥିତିକୁ ବିଶ୍ଳେଷଣ କରାଯିବା ଉଚିତ୍। ସେ କହିଛନ୍ତି ବଲ ଡେଲଭରୀ ସମୟରେ ବୁମ୍‌ରାଙ୍କ ବାମ ହାତର ସ୍ଥିତିକୁ ଅତି ନିକଟରୁ ନୀରିକ୍ଷଣ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

ଏହା ପ୍ରଥମ ଘଟଣା ନୁହେଁ ଯେ ବୁମ୍‌ରାଙ୍କ ବୋଲିଂ ଆକ୍ସନ୍ ଉପରେ ପ୍ରଶ୍ନ ଉଠିଛି।

ଏହାପୂର୍ବରୁ ବୁମ୍‌ରାଙ୍କୁ ତାଙ୍କର ଅନନ୍ୟ କାର୍ଯ୍ୟ ଯୋଗୁଁ ଏପରି ଜିନିଷର ସାମ୍ନା କରିବାକୁ ପଡ଼ିଥିଲା। ପର୍ଥ ଟେଷ୍ଟରେ ପ୍ରଥମ ଇନିଂସରେ ପାଞ୍ଚଟି ୱିକେଟ୍ ନେଇ ଇଆନ୍ ମୋରିସ୍ ଅଷ୍ଟ୍ରେଲିଆକୁ ୧୦୪ ରନ୍



କରି ବୋଲିଂ କରିଥିବା ବେଳେ ତାଙ୍କ ବୋଲିଂ କାର୍ଯ୍ୟ ସମ୍ପର୍କରେ ସୋସିଆଲ ମିଡିଆରେ ବିତର୍କ ହୋଇଥିଲା।

ଜସପ୍ରୀତ ବୁମ୍‌ରା ବର୍ଡର ଗାଭାସ୍କର ଟ୍ରଫିର ତିନୋଟି ମ୍ୟାଚର ୬ ଇନିଂସରେ ୨୧ ୱିକେଟ୍ ନେଇଛନ୍ତି। ଗାବା ଟେଷ୍ଟ ସମୟରେ ସେ ଭାରତୀୟ ବୋଲର ମଧ୍ୟ ହୋଇଥିଲେ ଯିଏ ଅଷ୍ଟ୍ରେଲିଆରେ ସର୍ବାଧିକ ୱିକେଟ୍ ନେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆରେ ୨୦ ଇନିଂସରେ ମୋଟ ୫୩ ୱିକେଟ୍ ନେଇଛନ୍ତି। ବୁମ୍‌ରା ଏହି ଘଟଣାରେ ଭେଟେରାନ କପିଲ ଦେବଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। କପିଲ ଦେବ ଅଷ୍ଟ୍ରେଲିଆରେ ୫୧ଟି ୱିକେଟ୍ ନେଇଥିଲେ।

**PANCHAYATRAJ & DRINKING WATER DEPARTMENT** i-385
**GOVT. OF ODISHA**
**OFFICE OF THE PANCHAYATSAMITI, UMERKOTE**
**INVITATION FOR BIDS**
**No:BDO/EDU/UKT/03/2024-25/5807** **Date:18.12.2024**

The Block Development Officer, Umerkote on behalf of the Governor of the Odisha invited Percentage Rate Bids through speed post/ Registered posts in single cover system.

1. Name of the Works : As Mentioned in Table-A which includes Construction of Additional Classrooms at various elementary & secondary schools.
2. No of Works : 14 (Fourteen) nos. (Detailed in Tender Call Notice available in the website)
3. Estimated Costs : As mentioned in Table-A
4. Tender paper Cost : Rs.4000/- per work
5. Class of Contractor : D & C Class
6. Period of Completion : 180 days
7. Critical dates :
* Further details can be seen in the bidding documents, which is available in the portal https://www.nabarangpur.nic.in
* Subsequent corrigendum if any shall be appeared in the website.
* Authority reserves the right to reject any or all tenders without assigning any reasons thereof.

| Procurement Officer | Bid Identificattion No. | Availability of tender online for bidding | | Last date of seeking clarification | Date of Opening of Bid |
|---|---|---|---|---|---|
| | | From | To | | |
| BDO, Umerkote | BDO/EDU/UKT/03/2024-25 | At 10.00 AM of 23.12.2024 | At 16.00 Hours of 15.01.2025 | 15.01.2025 | 16.01.2025 |

Sd/- Block Development Officer
Umerkote
OIPR-19050/11/0003/2425

## ଆମ୍ବେଦକରଙ୍କ ପ୍ରତି ଗୃହମନ୍ତ୍ରୀଙ୍କ ବୟାନ

# ସମ୍ବିଧାନ ଓ ଗଣତନ୍ତ୍ର ବିରୋଧୀ : ସାଂସଦ ସପ୍ତଗିରି

**ଭୁବନେଶ୍ବର, ନ୍ୟୁଜ୍‌ବ୍ୟୁରୋ**

ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତି ରାଜ୍ୟସଭାରେ ଗୃହମନ୍ତ୍ରୀ ଅମିତ ଶାହା ଦେଇଥିବା ଅରୁଚିକର ଓ ଅସାମ୍ବିଧାନିକ ବୟାନ ସମ୍ବିଧାନକୁ ମାନୁଥିବା ଓ ଭଲ ପାଉଥିବା ସମସ୍ତ ଭାରତବାସୀଙ୍କୁ ବ୍ୟଥିତ କରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଜେପି ଓ ଏହାର ନେତାମାନଙ୍କର ଅସଲ ମାନସିକତା, ଅମିତ ଶାହାଙ୍କ ବୟାନ ସମ୍ବିଧାନୀ, ଗଣତନ୍ତ୍ର, ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିରୋଧୀ ବୋଲି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା କହିଛନ୍ତି। ଶ୍ରୀ ଉଲାକା ଆହୁରି ମଧ୍ୟ କହିଛନ୍ତି ଯେ, ଆରଏସ୍‌ଏସ୍ ପ୍ରମୁଖ ଏକ ମଞ୍ଚରେ କହିଥିଲେ ଯେ, ସମ୍ବିଧାନରେ କିଛି ଭାରତୀୟତା ନାହିଁ। ଏହି ବୟାନ ବିଜେପି ଓ ଆରଏସ୍‌ଏସ୍ ସମ୍ବିଧାନ ବିରୋଧୀ ବୋଲି ପ୍ରମାଣ ଦେଉଛି। ସେଥିପାଇଁ ଆମ୍ଭେ ସମ୍ବିଧାନ ବଞ୍ଚାଇବା ପାଇଁ ଲଢେଇ କରୁଛୁ ଓ




ଜାତିଗତ ଜନଗଣନା କରିବା ପାଇଁ ଦାବି ଉପସ୍ଥାପନା କରୁଛୁ। ବାବା ସାହେବ ଆମ୍ବେଦକର ଆମପାଇଁ ଭଗବାନ, ଯଦି ନେହେରୁ, ପଟେଲ, ଆମ୍ବେଦକର ନଥାନ୍ତେ, ତେବେ ମୋ ପରି ଜଣେ ଆଦିବାସୀ କୋରାପୁଟରୁ ସାଂସଦ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରି ନଥାନ୍ତା। ଅମିତ ଶାହାଙ୍କ ବୟାନକୁ ସଠିକ୍ ଦର୍ଶାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ୬ଟି ଟୁଇଟ୍ ପ୍ରତିଟି ଭାରତୀୟଙ୍କୁ ନିରାଶ କରିଛି। ଏପର୍ଯ୍ୟନ୍ତ ଶ୍ରୀ ଶାହା ନା କ୍ଷମା ପ୍ରାର୍ଥନା କରୁଛନ୍ତି ନା ନିଜର ମତକୁ ପ୍ରତ୍ୟାହାର କରୁଛନ୍ତି। ଆମେ ଦୃଢ ଦାବି କରିବାକୁ ଚାହୁଁଛୁ, ଯେଉଁ ସମ୍ବିଧାନର ଶପଥ ନେଇ ଶ୍ରୀ ଶାହା ଗୃହମନ୍ତ୍ରୀର ଦାୟିତ୍ୱ ତୁଲାଉଛନ୍ତି, ସେଥିରୁ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ଏବଂ ଆମ୍ବେଦକରଙ୍କ ପ୍ରତି ଦେଇଥିବା ବୟାନ ପାଇଁ ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ। ଅମିତ ଶାହାଙ୍କ ବୟାନ ପ୍ରତିବାଦରେ ସଂସଦରେ ଇଣ୍ଡିଆ ମେଣ୍ଟର ସାଂସଦମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ସଂସଦକୁ ପ୍ରବେଶ କରିବା ପାଇଁ ଯାଉଥିବା ସମୟରେ ବିଜେପିର ସାଂସଦମାନେ ଇଣ୍ଡିଆ ମେଣ୍ଟର ସାଂସଦମାନଙ୍କୁ ଅଟକାଇବା ପାଇଁ ଯୋଜନାବଦ୍ଧ ଉଦ୍ୟମ କରୁଥିବା ବେଳେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲିକାର୍ଜୁନ ଖଡ଼ଗେଙ୍କୁ ଠେଲାପେଲା କରିବା, ପ୍ରିୟଙ୍କା ଗାନ୍ଧୀ ଓ ମହିଳା ସାଂସଦମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଓ ଖରାପ ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ଘଟଣା। ସଂସଦକୁ ପ୍ରବେଶ କରିବା ସାଂସଦମାନଙ୍କ ଗଣତାନ୍ତ୍ରିକ ଅଧିକାର। ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ବିଜେପି ଯେଉଁ ହୀନ ଚେଷ୍ଟା କରୁଛି, ତାହାକୁ କଦାପି ବରଦାସ୍ତ କରାଯିବ ନାହିଁ। ଅମିତ ଶାହାଙ୍କ ବୟାନରୁ ଧ୍ୟାନ ହଟାଇବା ପାଇଁ ଏକ ସୁଚିନ୍ତିତ ମିଥ୍ୟା ଡ୍ରାମା ପ୍ରସ୍ତୁତ କରି ଆମର ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ୨୬ଟି କେସ୍ ପ୍ରସ୍ତୁତ କରି ତାଙ୍କ ସ୍ୱରକୁ ଚପାଇ ଦେବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ତାହା କେବେ ସମ୍ଭବ ହେବନାହିଁ। ଏପର୍ଯ୍ୟନ୍ତ କାହିଁକି ସଂସଦର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଲା ନାହିଁ ତାହାର ଉତ୍ତର ମଧ୍ୟ ମିଳିପାରୁ ନାହିଁ। ପୂର୍ବରୁ ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ କରି ତାଙ୍କ ସରକାରୀ ବାସଭବନରୁ ପାଣି ଲାଇନ କାଟି ଘରୁ ବାହାର କରି ଦିଆଯାଇଥିଲା। ତଥାପି ରାହୁଲ ଗାନ୍ଧୀ ପୁଣି ନିର୍ବାଚନ ଲଢ଼ିଲେ ଓ ଦୁଇ ଦୁଇଟି ସ୍ଥାନରୁ ନିର୍ବାଚିତ ହେଲେ। ତେଣୁ ରାହୁଲ ଗାନ୍ଧୀ ଡରିବେ ନାହିଁ କି ହଟିବେ ନାହିଁ। ସେ ଭରତବାସୀଙ୍କ ପାଇଁ ଲଢିବେ ବୋଲି ଶ୍ରୀ ଉଲାକା କହିଛନ୍ତି।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

# ବିଶ୍ୱ ଭ୍ରମଣ ଓ ପୁସ୍ତକ ପଠନ ମାଧ୍ୟମରେ ଜ୍ଞାନ ଆହରଣ କରାଯାଏ : ଜିଲ୍ଲାପାଳ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହରର କୁସୁମା ପ୍ରାଙ୍ଗଣରେ ଚତୁର୍ଦ୍ଦଶ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ କରକମଳରେ ଏବଂ ସଭାପତି ସନ୍ତୋଷ ନନ୍ଦ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଓ ଅନନ୍ୟା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହି ପୁସ୍ତକ ମହୋତ୍ସବ ଅନୁଷ୍ଠିତ ହେବା ସହ ପ୍ରଦୀପ ପ୍ରଜ୍ୱଳନ ଓ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତ ଭୂପତି ଭୂଷଣ ମିଶ୍ର ସ୍ତୋତ୍ର ପାଠ କରିଥିଲେ। ହରିହର ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିଥିଲା ବେଳେ ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ସଂପାଦକ ଡ. କାହ୍ନୁ ଚରଣ ମିଶ୍ର ପୁସ୍ତକ




ମହୋତ୍ସବ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଜ୍ଞାନ ଆହରଣ କରିବା ପାଇଁ ଦୁଇଟି ମାର୍ଗ ରହିଛି; ତନ୍ମଧ୍ୟରୁ ଗୋଟିଏ ହେଲା ସାରା ଦୁନିଆ ପରିଭ୍ରମଣ କରିବା ଓ ଅନ୍ୟଟି ପୁସ୍ତକ ପଠନ କରିବା। ପୁସ୍ତକ ଦ୍ୱାରା ଆଜିର ଛାତ୍ରଛାତ୍ରୀମାନେ ଦୁନିଆଁ ବିଷୟରେ ବହୁତ କଥା ଜାଣିବା ସହିତ ଜ୍ଞାନ ଆହରଣ ଏବଂ ଏହାର ପ୍ରୟୋଗ କରିବା ପାଇଁ ଏକ ପ୍ରକୃଷ୍ଟ ସୁଯୋଗ ମିଳିଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ "ପୁସ୍ତକ ମହୋତ୍ସବ ବୁଦ୍ଧିମତ୍ତାର ଆନ୍ଦୋଳନ।" ପୁସ୍ତକ ଯେତେବେଳେ ନଥିଲା ସେତେବେଳେ ବେଦ ଉପନିଷଦକୁ ଶ୍ରୁତି ବୋଲି କୁହାଯାଉଥିଲା। ପୁସ୍ତକ ତାଳପତ୍ର ପୋଥିରୁ ଆରମ୍ଭ ହୋଇ ମୋବାଇଲ୍ ଏବଂ ଗୁଗୁଲ୍‌ରେ ଉପଲବ୍ଧ ହେଉଛି। ତାଳପତ୍ର ପୋଥି ଗୁଡ଼ିକର ଡିଜିଟାଲାଇଜେସନ୍ କରାଯାଇଛି। ବସୁଧୈବ କୁଟୁମ୍ବକ ଭଳି ପୁସ୍ତକ ଡିଜିଟାଲାଇଜେସନ୍‌ରେ ପରିବର୍ତ୍ତିତ ହୋଇଯାଇଛି ବୋଲି ପ୍ରକାଶ କରିଥିଲେ। ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କିଛି ବର୍ଷପୂର୍ବରୁ ଝିଅ ବିବାହ ସମୟରେ ଲକ୍ଷ୍ମୀପୁରାଣ, ଆଦିତ୍ୟ ହୃଦୟ ସ୍ତୋତ୍ର ବହି, ପ୍ରାର୍ଥନା ବହି, ମାଣବସା ଗୁରୁବାର ବହି, ରାମାୟଣ, ଗୀତା ତାହାର ପେଡ଼ିରେ ଦିଆଯାଉଥିଲା କିନ୍ତୁ ବର୍ତ୍ତମାନ ତାହା ମୋବାଇଲ୍‌ରେ ପରିବର୍ତ୍ତିତ ହୋଇଯାଇଛି; ହେଲେ ପୁସ୍ତକର ଆବଶ୍ୟକତା ଏବଂ ପୁସ୍ତକର ବୌଦ୍ଧିକତା କେବେ ପ୍ରାସଙ୍ଗିକତା ହରାଇ ନାହିଁ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଉଦୟନାରାୟଣ ପରିଡ଼ା, ଚଳଚ୍ଚିତ୍ର ପ୍ରଯୋଜକ ପ୍ରିୟରଂଜନ ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ କୃଷ୍ଣପ୍ରିୟା ମିଶ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଯୋଗଦେଇ ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିବା ସହିତ ଉତ୍ସବର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ। ଅର୍ପିତା ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ଦେବେଶ୍ୱର କଳଚରାଲ ଏକାଡେମୀର କଳାକାର ବୃନ୍ଦ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସନ୍ତୋଷ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଅନିଲ୍ କୁମାର ମହାନ୍ତି, ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ଡଃ ଅକ୍ଷୟ କୁମାର ପଣ୍ଡା, ଅଧ୍ୟକ୍ଷ ବଳରାମ ମହାନ୍ତି, ଅଧ୍ୟାପକ ଡ. ହରିଶ୍ ଚନ୍ଦ୍ର ପଣ୍ଡା, ସୁବାସ ମହାପାତ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଅଧ୍ୟାପକ କୈଳାସ ଚନ୍ଦ୍ର ବେହେରା, ଅଧ୍ୟକ୍ଷ ଅଶୋକ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ହୃଷିକେଶ ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଡିସେମ୍ବର ୨୦୨୪ ବୁଧବାର



# ଗତ ନିର୍ବାଚନରେ ଭୋଟ ଅସଂଗତିର ତଥ୍ୟ ଦେଇ ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଦେଶର ନିର୍ବାଚନ କମିଶନରଙ୍କୁ ଭେଟି ଗତ ସାଧାରଣ ନିର୍ବାଚନରେ ଏକ ବଡ଼ ଧରଣର ଅସଙ୍ଗତି ଥିବା ଦର୍ଶାଇଥିବା ବେଳେ ମଙ୍ଗଳବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ପୂର୍ବତନ ମନ୍ତ୍ରୀ ତଥା ମୁଖପାତ୍ର ଅରୁଣ କୁମାର ସାହୁ ଓ ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ନିର୍ବାଚନ ଶେଷ ହେବା ପରେ ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା ଓ ଗଣତି ହୋଇଥିବା ଭୋଟ ସଂଖ୍ୟା ଭିତରେ ଥିବା ତାରତମ୍ୟ ସମଗ୍ର ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଛନ୍ତି।

ବିଧାୟକ ଅରୁଣ କୁମାର ସାହୁ କହିଥିଲେ, ଗତ ନିର୍ବାଚନର ଭୋଟ ଗଣତି ବେଳେ କେତେ ସ୍ଥାନରେ ଭୋଟ ଅସଙ୍ଗତି ଥିବାର ପ୍ରାକ୍ ସୂଚନା ମିଳିଥିଲା। ବିଜୁ ଜନତା ଦଳ ତରଫରୁ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀର ତଥ୍ୟକୁ ତର୍ଜମା କରିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରେ ନିର୍ବାଚନ ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ ଆଧାରରେ ଫର୍ମ ୧୭ ସି ର କପି ପାଇଁ ଆବେଦନ କରାଯାଇଥିଲା। ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଆଇନର ବ୍ୟବସ୍ଥା ଅନୁଯାୟୀ ଏହି ଫର୍ମ ପାଇବାକୁ ହକଦାର ହୋଇଥିଲା ବେଳେ ସାଧାରଣ ଜନତା ମଧ୍ୟ ସୂଚନା ଅଧିକାର ଆଇନ ମାଧ୍ୟମରେ ଏହାକୁ ପାଇପାରିବେ। କିନ୍ତୁ ଏହା ସତ୍ତ୍ୱେ, ରାଜ୍ୟର ନିର୍ବାଚନ ଅଧିକାରୀମାନେ ଏହାକୁ ପ୍ରଦାନ କରି ନଥିଲେ।



ସୂଚନାଯୋଗ୍ୟ, ଭୋଟିଂ ଶେଷ ହେବା ପରେ ପ୍ରିଜାଇଡିଙ୍ଗ ଅଫିସର ଫର୍ମ ୧୭ସି ମାଧ୍ୟମରେ ସେହି ବୁଥରେ ପଡ଼ିଥିବା ଭୋଟ ସଂଖ୍ୟାକୁ ଉଲ୍ଲେଖ କରିଥାନ୍ତି। ଏଥିରେ ପ୍ରଦାନ କରାଯାଉଥିବା ଭୋଟ ଠାରୁ ଗଣତି ହେଉଥିବା ଭୋଟ ସଂଖ୍ୟା ଅଧିକ ବାହାରୁ ଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ତେଣୁ ରାଜ୍ୟର ନିର୍ବାଚନ ଅଧିକାରୀମାନେ ଫର୍ମ ୧୭ସି ର କପି ପ୍ରଦାନ ନକରିବା, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ନଥିବା କଥାକୁ ଘୋଡାଇବାକୁ ଉଦ୍ୟମ କରୁଥିବା ପରି ମନେ ହେଉଛି। ସମ୍ଭବତଃ ସେମାନେ ରାଜ୍ୟ ସରକାରଙ୍କ ଚାପରେ ଏପରି କରୁଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଥିଲେ। ଏହି ଆଧାରରେ, ଏକ ଦାୟିତ୍ୱସଂପନ୍ନ ଦଳ ଭାବରେ ବିଜେଡିର ପ୍ରତିନିଧି ମଣ୍ଡଳୀ ନିଜର ଅନୁସନ୍ଧାନ ମାଧ୍ୟମରେ ପାଇଥିବା ତଥ୍ୟ କିପରି ଭୋଟରେ ଅସଙ୍ଗତିକୁ ପ୍ରମାଣିତ କରୁଛି ତାହା ଦେଶର ନିର୍ବାଚନ କମିଶନରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହିତ ନିର୍ବାଚନରେ ସ୍ୱଚ୍ଛତା, ବୈଧତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରଶ୍ନ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଠାଯାଇଛି ବୋଲି ବିଜେଡି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଓ ଏହାର ସ୍ପଷ୍ଟୀକରଣ ମଗା ଯାଇଥିଲା। ଏହି ଭୋଟ ଅସଙ୍ଗତି ପାଇଁ ବିଜେଡି ପକ୍ଷରୁ କାହାକୁ ଦାୟୀ କରାଯାଇ ନଥିଲେ ମଧ୍ୟ ବିଜେପି ଚିହିଁକି ଉଠି ତା'ର ପ୍ରତିକ୍ରିୟା ରଖିଛି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଥିଲେ। ବିଜେପିର ପ୍ରତିକ୍ରିୟା, ଠାକୁର ଘରେ କିଏ ନା ମୁଁ କଦଳୀ ଖାଇ ନାହିଁ ସଦୃଶ୍ୟ ହୋଇଛି। ପୂର୍ବରୁ, ନିର୍ବାଚନ ଅଧିକାରୀମାନେ ଫର୍ମ ୧୭ସି ପ୍ରଦାନ ନକରିବା ଓ ଏବେ ବିଜେପି ପ୍ରତିକ୍ରିୟା ଦେବା ବିଜେପି ଭୋଟ ଜାଲିଆତିରେ ସମ୍ପୃକ୍ତ ଅଛି ବୋଲି ସ୍ପଷ୍ଟ ହେଉଛି ବୋଲି ଶ୍ରୀ ସାହୁ କହିଥିଲେ। ଶ୍ରୀମତୀ ଶର୍ମିଷ୍ଠା ସେଠୀ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭୋଟ ଅସଙ୍ଗତି ଉପରେ ତଥ୍ୟ ପ୍ରଦାନ କରି କହିଥିଲେ, ସାଧାରଣତଃ, ସନ୍ଧ୍ୟା ୫ଟାରେ ନିର୍ବାଚନ ଶେଷ ହେବା ସମୟରେ ପ୍ରଦାନ କରାଯାଇଥିବା ଭୋଟ ପ୍ରତିଶତକୁ ସେହିଦିନ ରାତି ୧୧.୪୫ ମିନିଟ ସମୟରେ ଏହାକୁ ନିର୍ବାଚନ କମିଶନରଙ୍କ ୱେବ ସାଇଟରେ ଆଉଥରେ ଅପଡେଟ କରାଯାଇଥାଏ। ବିଗତ ବର୍ଷ ମାନଙ୍କରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ଗୁଡିକରେ ଭୋଟିଂ ସମୟ ଶେଷ ହେବା ବେଳର ତଥ୍ୟ ଓ ଭୋଟ ଶେଷ ହେବା ପରର ତଥ୍ୟ ଭିତରେ ଅତି ବେଶିରେ ୦.୫ ପ୍ରତିଶତରୁ ଦୁଇ ପ୍ରତିଶତ ବ୍ୟବଧାନ ରହିଥାଏ। କିନ୍ତୁ, ୨୦୨୪ ନିର୍ବାଚନରେ ଏହି ବ୍ୟବଧାନ ୩ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚିତ ହୋଇଥିବା କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ଏହି ବ୍ୟବଧାନ ରାଜ୍ୟରେ ସର୍ବାଧିକ ୩୦.୬୪ ପ୍ରତିଶତ ରହିଛି। ସେହିପରି କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଏହି ବ୍ୟବଧାନ ୨୮.୬୯ ପ୍ରତିଶତ ରହିଛି। ରାଜ୍ୟର ପ୍ରାୟ ୩୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ବ୍ୟବଧାନ ୧୫ ରୁ ୨୦ ପ୍ରତିଶତ ମଧ୍ୟରେ ରହିଛି ଓ ୧୦ଟି ବିଧାନସଭା ଆସନରେ ଏହି ବ୍ୟବଧାନ ୨୦ ରୁ ୨୫ ପ୍ରତିଶତ ଭିତରେ ରହିଛି। ଏହା ଛଡା ରାତି ୧୧.୪୫ ମିନିଟରେ ପ୍ରଦାନ କରା ଯାଇଥିବା ଭୋଟ ପ୍ରତିଶତ ପୁଣି ଥରେ ଦୁଇ ଦିନ ପରେ, ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି। ଓଡ଼ିଶାରେ ହୋଇଥିବା ନିର୍ବାଚନରେ ଭୋଟିଂ ସମୟ ଶେଷ ହେବାପରେ ଦିଆଯାଇଥିବା ତଥ୍ୟ, ଭୋଟ ଶେଷ ହେବା ପରେ ଦିଆ ଯାଇଥିବା ତଥ୍ୟ ଓ ଗଣତି ହୋଇଥିବା ମଧ୍ୟରେ ପ୍ରାୟ ୧୫ ରୁ ୩୦ ପ୍ରତିଶତ ବ୍ୟବଧାନ ରହିଛି ଯାହା ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି ବୋଲି ଶ୍ରୀମତୀ ସେଠୀ କହିଥିଲେ।

# ଉତ୍ସର୍ଗୀକୃତ ସେବା ଓ କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ପାଇଁ ପାଞ୍ଚ ଜଣ ରେଳ କର୍ମଚାରୀ ପୁରସ୍କୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ଆୟୋଜିତ ଏକ ମହତ୍ୱପୂର୍ଣ୍ଣ ସମାରୋହରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ କର୍ତ୍ତବ୍ୟରତ ଥିବା ସମୟରେ ଅଭୂତପୂର୍ବ ସଚେତନତା ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପାଞ୍ଚଜଣ ଆଦର୍ଶ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରମୁଖ ଘଟଣାକୁ ଅଟକାଇବାରେ, ଟ୍ରେନ୍ ସେବାଗୁଡିକର ନିରାପତ୍ତା ଏବଂ ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବାରେ ସେମାନଙ୍କର ଦ୍ରୁତ କାର୍ଯ୍ୟଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ସମାରୋହରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ମିଳିତ ଭାବରେ ସେମାନେ ପୂର୍ବତଟ ରେଳପଥ ମଧ୍ୟରେ ସର୍ବୋଚ୍ଚ ନିରାପତ୍ତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷର ମାନ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତାକୁ ଆଲୋକିତ କରିଥିଲେ । ସମ୍ମାନଜନକମାନଙ୍କ ମଧ୍ୟରେ ବିଜୟନଗରମ ସ୍ଥିତ କ୍ୟାରେଜ ଓ ୱାଗନ ବିଭାଗର ଟେକ୍ନିସିଆନ୍ ଗ୍ରେଡ୍-୨ ଶ୍ରୀମତୀ ସିଏଚ ହରିଆ ଏବଂ ଟେକ୍ନିସିଆନ୍



ଗ୍ରେଡ୍-୧ ଶ୍ରୀମତୀ କେ. ଅରୁଣା; ରାଜମହେନ୍ଦ୍ରୀ ସ୍ଥିତ ପଣ୍ୟବାହୀ ଟ୍ରେନ ମ୍ୟାନେଜର ଗିଦିଜାଲା ରମେଶ, କୁନେରୁ ଷ୍ଟେସନରେ କାର୍ଯ୍ୟରତ ପଏଣ୍ଟସମ୍ୟାନ-ବି ତୁବା ଚରଣ କୁମାର, ଏବଂ ଅନୁଗୁଳରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେଣର-୨ ଜ୍ଞାନେନ୍ଦ୍ର କୁମାର ମହାକୁଡ଼ ।

ଏହି ସମ୍ବର୍ଦ୍ଧନା ସଭାରେ ମହାପ୍ରବନ୍ଧକ ଫୁଙ୍କୱାଲ ରେଳ କର୍ମଚାରୀଙ୍କ ନିଷ୍ଠାପର ଉତ୍ସର୍ଗକୁ ପ୍ରଶଂସା କରିଥିଲେ, ଯେଉଁଥିରେ ଟ୍ରେନର ନିରାପଦ ତଥା କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିରନ୍ତର ପରିଶ୍ରମ କରୁଥିବା ଗ୍ୟାଙ୍ଗମେନ, ଟ୍ରଲିମେନ, ଗେଟମେନ, ଓଏଚଇ ଟେକ୍ନିସିଆନ, ଟୋକେନ୍ ପୋର୍ଟର ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର କଠିନ ପରିଶ୍ରମକୁ ସ୍ୱୀକାର କରିବା ସମ୍ବନ୍ଧରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ରେଳ କର୍ମଚାରୀଙ୍କୁ ନିଜ କାର୍ଯ୍ୟରେ ପ୍ରତିବଦ୍ଧ ତଥା ସଜାଗ ରହିବାକୁ ପ୍ରୋତ୍ସାହିତ କରିଥିଲେ ଏବଂ ନିରାପଦ ତଥା ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସମ୍ବନ୍ଧରେ ରେଳପଥର ଧ୍ୟାନକୁ ଦୃଢ଼ୀଭୂତ କରିଥିଲେ । ଆମର ରେଳ ନେଟୱାର୍କର ସୁରକ୍ଷା ଏବଂ ନିରାପତ୍ତା ପାଇଁ ପ୍ରତ୍ୟେକ କର୍ମଚାରୀଙ୍କ ଉତ୍ସର୍ଗ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଫୁଙ୍କୱାଲ କହିଛନ୍ତି । ଆମର ଯାତ୍ରୀମାନଙ୍କ ପାଇଁ ସର୍ବୋଚ୍ଚ ସୁରକ୍ଷା ମାନ ବଜାୟ ରଖିବା ପାଇଁ ସଚେତନତା ଏବଂ ଉତ୍ସର୍ଗୀକୃତ ସେବା ହେଉଛି ଆମର ମୂଳଦୁଆ ବୋଲି ଶ୍ରୀ ଫୁଙ୍କୱାଲ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ସମାରୋହ କେବଳ ବ୍ୟକ୍ତିବିଶେଷଙ୍କ ଉଦ୍ୟମକୁ ସ୍ୱୀକୃତି ଦେଇନଥିଲା ବରଂ ରେଳ କାର୍ଯ୍ୟର ଅଖଣ୍ଡତା ରକ୍ଷା କରିବାରେ ଦଳଗତ କାର୍ଯ୍ୟ ଏବଂ ପ୍ରତିବଦ୍ଧତାର ଗୁରୁତ୍ୱକୁ ମଧ୍ୟ ଦର୍ଶାଇଥିଲା । ସୁରକ୍ଷା ପ୍ରୋଟୋକଲ ବୃଦ୍ଧି କରାଇବା ଏବଂ ଏହାର କର୍ମଜୀବୀମାନଙ୍କ ମଧ୍ୟରେ ଉତ୍କର୍ଷର ସଂସ୍କୃତି ପ୍ରତିପାଦନ କରିବାକୁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାରେ ସ୍ଥିର ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଘୁଚାପ ସକ୍ରିୟ...

୨୬ ତାରିଖରେ ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ସମ୍ପୃକ୍ତ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଆସନ୍ତା ୨ଦିନ କନ୍ଧମାଳ, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, ବରଗଡ଼ ଓ ସୋନପୁରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ସୂଚନା ଦିଆଯାଇଛି।

## ମୁଁ ୨ ଥର ...

ଠକେଇର ଶିକାର ହୋଇଛି। ବିଭିନ୍ନ ଲୋଭ ଦେଖାଇ ଟଙ୍କା ରଖିବାକୁ ରାଜି କରାଉଥିଲେ, ପରେ ଠକାମୀରେ ଶିକାର ହେବାକୁ ପଡୁଥିଲା। ମୁଁ ୨ଟି ସଂସ୍ଥାରେ ଠକାମୀରେ ଶିକାର ହୋଇଛି। ୧୯୯୦ ଓ ୨୦୦୨ ମସିହାରେ ଦୁଇଥର ଠକେଇର ଶିକାର ହୋଇଥିଲି । ଗୋଟିଏ ସରକାରୀ ଓ ଗୋଟିଏ ବେସରକାରୀ ସଂସ୍ଥାରେ ଠକେଇରେ ଶିକାର ହୋଇଥିଲି। ଟଙ୍କା ଯୋଗାଡ଼ କରି ଦେଇଥିଲି, କିନ୍ତୁ ପରେ ସଂସ୍ଥା ହିଁ ଉଭାନ ହୋଇଯାଇଥିଲା। ୧୯୮୬ ଆଇନ ଅନୁସାରେ ଅପିଲ ବି କରିଥିଲି, ମାତ୍ର ଟଙ୍କା ମିଳିଲାନି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଠକ ସଂସ୍ଥାମାନଙ୍କୁ ଉତ୍ତର ଦାୟୀ କରିବା ପାଇଁ ୧୯୮୬ ମସିହାରେ ଯେଉଁ ଆଇନ ତିଆରି ହେଇଥିଲା, ସେ ଆଇନଟି ଯଥେଷ୍ଟ ଉପଯୋଗୀ ହେଲା ନାହିଁ । ଚିଟ୍‌ଫଣ୍ଡ ଠକେଇରେ ଶିକାର ହୋଇଥିବା ଲୋକମାନଙ୍କୁ ସୁରକ୍ଷା ଦେଇପାରିଲା ନାହିଁ । ଯଦି ସୁରକ୍ଷା ଦେଇଥାଆନ୍ତା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇ ନଥାନ୍ତେ। ୧୯୮୬ ମସିହାରେ ତିଆରି ହୋଇଥିବା ଆଇନରେ ବହୁତ ଗଳା ବାଟ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଳାବାଟକୁ ବନ୍ଦ କରିଦେଲେ। ବିଭିନ୍ନ ଷ୍ଟେକ ହୋଲଡରଙ୍କ ସହ ଆଲୋଚନା କରିବା ପରେ ସଂସଦରେ ନୂଆ ଉପଭୋକ୍ତା ଆଇନ ୨୦୧୯ ଆଲୋଚନା ହେଲା ପରେ ଏହି ଆଇନ ସଂସଦରେ ପାରିତ ହେଲା। ୨୦୨୦ ଜୁଲାଇ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ପରେ ବର୍ତ୍ତମାନ ସାରା ଦେଶରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଟିଭିରେ ପ୍ରସାରିତ ସାଇବର ଠକେଇ ଅପରାଧ କାର୍ଯ୍ୟକ୍ରମ ବାବଦରେ ଜାତୀୟ ଉପଭୋକ୍ତା ଦିବସରେ ଉଦାହରଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଟିଭିରେ ପ୍ରସାରିତ ସାଇବର ଠକେଇ ଅପରାଧ କାର୍ଯ୍ୟକ୍ରମ ସମସ୍ତେ ଦେଖିଥିବେ । ନାଟ୍ୟ ରୂପାନ୍ତର କରି କିପରି ସାଇବର ଠକେଇ ଶିକାର ହେବାର ଦେଖାଉଛନ୍ତି । ଏହା ଦେଖି ସଚେତନ ହେବା ସହ ଆଇନ ଓ ଅଦାଲତରେ ନ୍ୟାୟ ପାଆନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଅଜ୍ଞାତ ମୃତଦେହ ...

ସୂଚନା ଜାରି କରାଯିବା ଉଚିତ ବୋଲି ସେ କହିଛନ୍ତି । ପୀଡ଼ିତ ଏବଂ ଅଭିଯୋଗକାରୀଙ୍କ ସୁବିଧା ପାଇଁ ପଞ୍ଜିକରଣଠାରୁ ଆରମ୍ଭ କରି ମାମଲାର ସମାଧାନ ପର୍ଯ୍ୟନ୍ତ ଏକ ସମୟ ସୀମା ରହିବା ଉଚିତ୍। ଅଜ୍ଞାତ ମୃତଦେହ ଏବଂ ଅଜ୍ଞାତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ବାୟୋମେଟ୍ରିକ ଟେକ୍ନୋଲୋଜିର ବ୍ୟବହାର କରାଯିବା ଉଚିତ ବୋଲି ଶାହ କହିଛନ୍ତି । ଏକ ସରକାରୀ ବିବୃତି ଅନୁଯାୟୀ ଶାହ କହିଛନ୍ତି ଯେ, ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଅନୁସନ୍ଧାନକାରୀ ଅଧିକାରୀ ତଥା ବରିଷ୍ଠ ଅଧିକାରୀଙ୍କୁ ନିୟମିତ ଆଲର୍ଟ ପଠାଇବା ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଏହି ବୈଠକରେ କ୍ରାଇମବ୍ରାଞ୍ଚ ଏବଂ ଅପରାଧିକ ପରିଚୟ ନେଟୱାର୍କ ଏବଂ ସିଷ୍ଟମ (ସିସିଟିଏନଏସ) ୨.୦ ଏବଂ ଆଇସିଜେଏସ, ନୂତନ ଅପରାଧିକ ଆଇନ ଏବଂ ନ୍ୟାସନାଲ ଅଟୋମେଟେଡ ଫିଙ୍ଗରପ୍ରିଣ୍ଟ ଆଇଡେଣ୍ଟିଫିକେସନ ସିଷ୍ଟମ (ଏନଏଏଫଆଇଏସ), ଜେଲ, କୋର୍ଟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଫୋରେନସିକ ସମ୍ପର୍କରେ ସମୀକ୍ଷା କରାଯାଇଛି । ଗୃହମନ୍ତ୍ରୀ ଏନସିଆରବିଙ୍କୁ ଆଇସିଜେଏସ ୨.୦ରେ ନୂତନ ଅପରାଧିକ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସହଜ କରିବାକୁ କହିଛନ୍ତି । ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଇ-ସାକ୍ଷ୍ୟ, ନ୍ୟାୟ ଶ୍ରୁତି, ଇ-ସାଇନ ଏବଂ ଇ-ସମନ ଭଳି ପ୍ରୟୋଗର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶାହ କହିଛନ୍ତି, ଗୃହ ମନ୍ତ୍ରଣାଳୟ, ଏନସିଆରବିଏର ଏକ ଟିମ୍ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ପରିଦର୍ଶନ କରିବା ଉଚିତ ଏବଂ ବୈଷୟିକ ପ୍ରକଳ୍ପ ଗ୍ରହଣକୁ ବଢାଇବ ଏବଂ ସମସ୍ତ ପ୍ରକାରରେ ସାହାଯ୍ୟ କରିବ। ସିସିଟିଏନଏସ ଏବଂ ଆଇସିଜେଏସର ଅଗ୍ରଗତି ଉପରେ ନିୟମିତ ନଜର ରଖିବା ଏବଂ ଏହି ପ୍ରକଳ୍ପକୁ ପ୍ରେରଣା ଯୋଗାଇବା ପାଇଁ ସେ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ନିୟମିତ

## ଅଧିକାର ସାବ୍ୟସ୍ତ...

ଗୁରୁତ୍ୱର ସହ ନେଇ ସଂସଦରେ ନୂଆ ଉପଭୋକ୍ତା ଆଇନ ୨୦୧୯ ପାରିତ କରିଥିଲେ ଏବଂ ୨୦୨୦ ଜୁଲାଇ ୨୦ରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେଉଛି । ଏହି ଆଇନରେ ଠକ ସଂସ୍ଥାକୁ ଉତ୍ତରଦାୟୀ କରିବା ସହିତ ସମସ୍ତ ପ୍ରକାର ଗଳାବାଟକୁ ବନ୍ଦ କରିବାର ପ୍ରାବଧାନ କରାଯାଇଛି । ସେ ଆହୁରି କହିଥିଲେ ଯେ, ଆଜିର ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ଯୁଗରେ ଲୋକମାନେ ସହଜରେ ଠକାମୀର ଶିକାର ହେଉଛନ୍ତି । ସେବା ଓ ସାମଗ୍ରୀ ଯୋଗାଇଦେଉଥିବା ସଂସ୍ଥା ଲୋକମାନଙ୍କୁ ଠକି ଦେଇ ରାତାରାତି ଗାଏବ ହୋଇଯାଉଛନ୍ତି । ୨୦୧୦ ମସିହାରେ ଓଡିଶାରେ ଚିଟଫଣ୍ଡ ସଂସ୍ଥା ମାଧ୍ୟମରେ ବହୁତ ଲୋକ ଠକାମିରେ ଶିକାର ହୋଇଥିଲେ । ଏ ସବୁକୁ ରୋକିବା ଓ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ଏହି ନୂଆ ଆଇନରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଗଠନ କରାଯାଇଛି । ଉପଭୋକ୍ତା ଅଧିକାରର କୌଣସି ପ୍ରକାର ଉଲଂଘନ ହେଲେ ଏହି ପ୍ରାଧିକରଣ ତା'ର ଯାଞ୍ଚ ଓ ତଦନ୍ତ କରି ସୁରକ୍ଷା ଯୋଗାଇଦେବେ । ଉପଭୋକ୍ତାମାନେ ମଧ୍ୟ ଘରେ ବସି ଇ-ଫାଇଲିଂ ମାଧ୍ୟମରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ ଓ ନ୍ୟାୟ ପାଇପାରିବେ । ଚଳିତ ବର୍ଷ ଏହି ଦିବସ ପାଳନର ବିଷୟ ରହିଛି ଉପଭୋକ୍ତା ନ୍ୟାୟ ପାଇଁ ଭର୍ଚୁଆଲ ଶୁଣାଣି ଏବଂ ଡିଜିଟାଲ ଅଭିଗମ୍ୟତା । ଉପଭୋକ୍ତାମାନେ ବିନା ଅସୁବିଧାରେ ଡିଜିଟାଲ ମାଧ୍ୟମରେ ଅଭିଯୋଗ କରିପାରିବେ ଏବଂ ନ୍ୟାୟ ମଧ୍ୟ ପାଇପାରିବେ । ଠକାମୀର ଶିକାର ହେଲେ ଡିଜିଟାଲ ମାଧ୍ୟମରେ ଅଭିଯୋଗ କରିବାକୁ ଉପଭୋକ୍ତାମାନେ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେ ପୁଣି କହିଥିଲେ ଯେ, ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଆମକୁ ପ୍ରଥମେ ସଚେତନ ହେବାକୁ ପଡିବ । ତାହେଲେ ଯାଇ ବ୍ୟକ୍ତି ଅଧିକାର ସୁରକ୍ଷିତ ରହି ପାରିବ । ଏବେ ରାଜ୍ୟ ତଥା ଜିଲ୍ଲା ସ୍ତରରେ ସଚେତନତା ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଖାଉଟି ସୁରକ୍ଷା ବିପ୍ଳବକୁ ଆହୁରି ତ୍ୱରାନ୍ୱିତ କରାଯାଉଛି । ଉପଭୋକ୍ତା ସୁରକ୍ଷା ସଚେତନତା ଏକ ସାମାଜିକ ଆନ୍ଦୋଳନ । ସଚେତନ ଉପଭୋକ୍ତା ହିଁ ସୁରକ୍ଷିତ ଉପଭୋକ୍ତା ବାର୍ତ୍ତାକୁ ଜନସାଧାରଣରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁ ଖାଉଟି ଅଧିକାର ପାଇଁ ଯୁବ ସମାଜ ଆଜି ସଚେତନ ହୋଇଛନ୍ତି । ଖାଉଟି କଲ୍ୟାଣ ପାଇଁ ବଜେଟରେ ଅଧିକ ପ୍ରାବଧାନ କରାଯାଇଛି । ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ ଆନୁଯାୟୀ କଠୋର ପଦକ୍ଷେପ ନିଆଯାଉଛି । ଆଗାମୀ ଦିନରେ ଏହି ପଦକ୍ଷେପ ଆହୁରି କଡାକଡି ହେବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୩୬ରେ ଆମେ ଏକ ସମୃଦ୍ଧ ଓ ବିକଶିତ ଓଡିଶା ଗଠନର ଲକ୍ଷ୍ୟ ରଖିଛୁ । ବିକଶିତ ଓଡିଶାରେ ଉପଭୋକ୍ତାମାନେ ଠକେଇର ଶିକାର ହେବା ଉଚିତ୍ ନୁହେଁ । ତେଣୁ ଏକ ଠକେଇମୁକ୍ତ ତଥା ଅସାଧୁ ବ୍ୟବସାୟୀମୁକ୍ତ ଓଡିଶା କିପରି ଗଠନ ହେବ ସେଥିପାଇଁ ଜନସାଧାରଣ ମତାମତ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ସଚେତନ ଖାଉଟି ହେଉଛି ଉତ୍ତମ ଖାଉଟି । ଖାଉଟି ସଚେତନ ହେଲେ ଠକେଇ ବିରୁଦ୍ଧରେ ସେ ନ୍ୟାୟ ପାଇବ । ଖାଉଟି ସୁରକ୍ଷା ପାଇଁ ଆଗାମୀ ଦିନରେ ବିଭାଗକୁ ଆହୁରି କ୍ରିୟାଶୀଳ କରାଯିବ । ରାଜ୍ୟରେ ଥିବା ଖାଉଟି ଅଦାଲତଗୁଡିକୁ ଆହୁରି ସୁଦୃଢ଼ କରାଯିବ । ଉପଭୋକ୍ତା ସ୍ୱାର୍ଥ ରକ୍ଷା ଆମର ଲକ୍ଷ୍ୟ ଏବଂ ଆମେ ସେଥିପାଇଁ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ସେ କହିଥିଲେ । ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ଦିଲ୍ଲୀପ ମହାପାତ୍ର କହିଥିଲେ ଯେ, ୨୦୧୯ରୁ ଉପଭୋକ୍ତାମାନଙ୍କ ସୁବିଧା ପାଇଁ ଘରେ ବସି ଅଭିଯୋଗ ଦାଖଲ କରିବାର ସୁବିଧା କରାଯାଇଛି । ଓଡିଶାରେ ଏବଂ ସମଗ୍ର ଦେଶରେ ଅନଲାଇନ କେସ୍ ଫାଇଲିଂ ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଛି । ଅନଲାଇନରେ କେସ୍ ଫାଇଲିଂ ହେଉଛି ଏବଂ କେସ୍ ଶୁଣାଣି ବି ହେଉଛି । ଦେଶର ପ୍ରଥମ ଥର ପାଇଁ ଓଡିଶାରେ ଅନଲାଇନ ଶୁଣାଣି ବ୍ୟବସ୍ଥା ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଉପଭୋକ୍ତାମାନଙ୍କୁ ଦୈନନ୍ଦିନ ଜୀବନରେ ହେଉଥିବା ଶୋଷଣରୁ ମୁକ୍ତ କରିବା ପାଇଁ ଆମ ବିଭାଗ ଜାଗ୍ରତ ରହିଛି । ଏକ ସଚେତନ ଓ ସ୍ୱାଧୀନଚେତା ସମାଜ ଗଠନ ପାଇଁ ସମସ୍ତେ ସବୁ ବିଷୟରେ ଜାଣିବା ଉଚିତ୍ ବୋଲି ସେ କହିଥିଲେ । ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଖାଉଟି ସୁରକ୍ଷା ସମ୍ବନ୍ଧୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ଏକ ନ୍ୟୁଜ ଲେଟର ଅତିଥିମାନେ ଉନ୍ମୋଚନ କରିଥିଲେ । ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ପାରାଦୀପ...

କୁଜଙ୍ଗ ରେଞ୍ଜ ଅଧିକାରୀ କହିଛନ୍ତି । ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଫରେନ୍ସିକ ପରୀକ୍ଷା ପାଇଁ ପଠାଯିବ। ତେବେ ପାରା ଉଦ୍ଧାର ହୋଇଥିବା ଜାହାଜଟି ଚିଟାଗଙ୍ଗରୁ ଆସିଛି । ଏହି ଜାହାଜ ଷ୍ଟିଲ ସ୍ଲାବ ନେଇ ବ୍ରିଷ୍ଟଲ ବନ୍ଦରକୁ ଯିବ ବୋଲି ଜଣାପଡ଼ିଛି।

## ପିଲଭିତ...

ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ସେମାନଙ୍କୁ ଗୁରଦାସପୁର ବାସିନ୍ଦା ଗୁରୁବିନ୍ଦର ସିଂ, ରବି ଏବଂ ଜସପ୍ରୀତ ବୋଲି ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ ଜାତୀୟ ଅନୁସନ୍ଧାନକାରୀ ସଂସ୍ଥା ଖାଲିସ୍ତାନୀ ଆତଙ୍କବାଦୀ ଏବଂ ଗୁରୁପନ୍ତ ସିଂ ପନ୍ନୁଙ୍କ ବିରୋଧରେ ଭାରତ ବିରୋଧୀ କାର୍ଯ୍ୟକଳାପରେ ୬ ଟି ମାମଲାର ତଦନ୍ତ କରୁଛି । ପନ୍ନୁ ଖାଲିସ୍ତାନ ସମର୍ଥକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଏବଂ ଭାରତ ସରକାରଙ୍କ ବିରୋଧରେ ଷଡଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। ଆମେରିକାରେ ରହୁଥିବା ପନ୍ନୁ ପ୍ରଥମେ ଭାରତୀୟ ସୁରକ୍ଷା ଏଜେନ୍ସିଙ୍କ ନଜରକୁ ଆସିଥିଲେ । ଯେତେବେଳେ ସେ ଶିଖ ପ୍ରବାସୀମାନଙ୍କ ମଧ୍ୟରେ 'ରେଫରେଣ୍ଡମ ୨୦୨୦' ପ୍ରସଙ୍ଗ ଉଠାଇଥିଲେ। ସେହି ସମୟ ମଧ୍ୟରେ ପଞ୍ଜାବରେ ଖାଲିସ୍ତାନ ସମର୍ଥକ ବୃଦ୍ଧି ପାଇଥିଲା।

# ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ମହାକୁମ୍ଭ ମେଳା-୨୦୨୫ ସମୟରେ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗାମୀ ମହାକୁମ୍ଭ ମେଳା ୨୦୨୫ରେ ଯାତ୍ରା କରିବାକୁଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ଆୟୋଜନ କରାଯାଇଅଛି । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ଏହି ଅଞ୍ଚଳର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ ।

ନିମ୍ନଲିଖିତ ଭାବେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ:- ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୧, ୮, ୨୨ ତାରିଖ ଓ ଫେବୃୟାରୀ ମାସ ୫, ୧୯, ୨୬ ତାରିଖ ଦିନ ବୁଧବାର ଦିନମାନଙ୍କରେ ଭୁବନେଶ୍ୱର ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ପୁରୀ-ତୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୬ ଓ ୨୦ ତାରିଖ ଓ ଫେବୃୟାରୀ ମାସ ୧୭ ତାରିଖ ଦିନ ସୋମବାର ଦିନମାନଙ୍କରେ ପୁରୀ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ଟିଟିଲାଗଡ-ତୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ଟିଟିଲାଗଡ଼ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ବିଶାଖାପାଟନମ୍-ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ (ଡ଼ିଡ଼ିୟୁ)-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ବିଶାଖାପାଟନମ୍ ଠାରୁ ଅପରାହ୍ନ ୦୫ଘ.୩୫ମି.ରେ ଛାଡି ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ । ଡ଼ିଡ଼ିୟୁ ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ମାର୍ଗ ପ୍ରଦାନ କରିବ । ବିଶାଖାପାଟନମ୍-ଗୋରଖପୁର-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୫ ଓ ୧୯ ତାରିଖ ଏବଂ ଫେବୃୟାରୀ ମାସ ୧୬ ତାରିଖ ଦିନ ରବିବାର ଦିନମାନଙ୍କରେ ବିଶାଖାପାଟନମ୍ ଠାରୁ ରାତ୍ରି ୧୦ଘ.୨୦ମି.ରେ ଛାଡି ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ । ଡ଼ିଡ଼ିୟୁ ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ମାର୍ଗ ପ୍ରଦାନ କରିବ । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ମହାକୁମ୍ଭ ମେଳାକୁ ଯାତ୍ରା କରୁଥିବା ହଜାର ହଜାର ଭକ୍ତଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ବିଶେଷ ଭାବେ ଚଳାଚଳ କରୁଅଛି । ରେଳ ଦ୍ୱାରା ଯଥେଷ୍ଟ ଗମନାଗମନ ସଂଯୋଗ ଏବଂ ସୁବିଧାଜନକ କାର୍ଯ୍ୟସୂଚୀ ସହିତ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ ପ୍ରତିବଦ୍ଧ ଅଟେ । ଟ୍ରେନ୍ କାର୍ଯ୍ୟସୂଚୀ, ବୁକିଂ ଏବଂ ଅନ୍ୟାନ୍ୟ ଭ୍ରମଣ ସମ୍ବନ୍ଧୀୟ ସୂଚନା ଗୁଡିକ ସମ୍ବନ୍ଧରେ ଅଧିକ ବିବରଣୀ ପାଇଁ ଯାତ୍ରୀମାନଙ୍କୁ ରେଳବାଇ ୱେବସାଇଟ୍ ପରିଦର୍ଶନ କରିବାକୁ କିମ୍ବା ଷ୍ଟେସନମାନଙ୍କ ଠାରେ ଉପଲବ୍ଧ ଇନକ୍ୱାରୀ କାଉଣ୍ଟର ସହିତ ଯୋଗାଯୋଗ କରିବାକୁ କୁହାଯାଇଅଛି ।

# ଅଡ଼ଙ୍ଗଗଡ଼ରେ 'ଗାଁ ଡାକୁଛି ଆ' କାର୍ଯ୍ୟକ୍ରମ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଅଡ଼ଙ୍ଗଗଡ଼ ଗ୍ରାମରେ 'ଗାଁ ଡାକୁଛି ଆ' ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ସମୟରେ ସମସ୍ତେ ଗାଁ ଛାଡ଼ି ସହରାଭିମୁଖୀ ହେଉଥିବାରୁ ନିଜ ଗାଁ ପ୍ରତି ଲୋକଙ୍କର ଆବେଗ କମି କମି ଯାଉଛି । ଗାଁ ସଂସ୍କୃତି, ପରମ୍ପରା ଆସ୍ତେ ଆସ୍ତେ ଲୋପ ପାଇଯିବାକୁ ବସିଲାଣି । ଏହାକୁ ଦୃଷ୍ଟିରେ ରଖି ଅଡ଼ଙ୍ଗଗଡ଼ ଗ୍ରାମବାସୀଙ୍କ ଉଦ୍ୟମରେ 'ଡ଼ଗାଁ ଡାକୁଛି ଆ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ଅଡ଼ଙ୍ଗଗଡ଼ ଗ୍ରାମର ଲୋକମାନେ ନିଜ ଜନ୍ମମାଟି ଅଡ଼ଙ୍ଗଗଡ଼ରେ 'ଗାଁ ଡାକୁଛି ଆ' କାର୍ଯ୍ୟକ୍ରମରେ ଏକାଠି ହୋଇଥିଲେ । ସେମାନେ ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କରିବା ସହିତ ଗାଁର ଆନନ୍ଦ କିପରି ନିଆରା ସେ ସମ୍ପର୍କରେ ନିଜ ନିଜର ଅଭିଜ୍ଞତା ବଖାଣିଥିଲେ । ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ଖାଦ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରୁଣା ସ୍ମୃତି କାହାଣୀସବୁ ଗ୍ରାମ୍ୟ ପରିବେଶକୁ ପ୍ରାଣବନ୍ତ କରିଦେଇଥିଲା । ଦିନସାରା ଗାଁଟି ଉତ୍ସବମୁଖର ହୋଇଉଠିଥିଲା । ଏହି ଅବସରରେ ଗାଁକୁ ଗୌରବ ଆଣି ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗାଁ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅରୁଣ ମଞ୍ଜରୀ ରାୟ, ସୌମ୍ୟାଶ୍ରୀ ରାୟ, ପୁଷ୍ପାଞ୍ଜଳି ରାୟ, ଜୟନ୍ତୀ ମହାପାତ୍ର, ସନ୍ତୋଷ ରାୟ, ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖଙ୍କ ପ୍ରୟାସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାନନବାଳା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆସନ୍ତା ରବିବାର ପଥ ଉତ୍ସବ : ଶୀତୁଆ ସକାଳରେ ପୁଣି ଦୁଲୁକିବ ରାଜଧାନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଏମ୍‌ସି ପକ୍ଷରୁ ଆସନ୍ତା ରବିବାର ପଥ ଉତ୍ସବ ଅନୁଷ୍ଠିତ ହେବ । ବର୍ଷା ପାଇଁ ୨୨ ତାରିଖରେ ମାଷ୍ଟରକ୍ୟାଣ୍ଟିନ୍‌ରେ ହେବାକୁ ଥିବା ଉତ୍ସବକୁ ବାତିଲ କରାଯାଇଥିଲା । ଏନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ଜାନୁଆରୀ ୫ରେ ଉତ୍ତର ଜୋନ୍‌ରେ ପଥଉତ୍ସବ ଶିଖରଚଣ୍ଡିରୁ ଇନ୍‌ଫୋସିଟି ଛକରେ ହେବାକୁ ତାରିଖ ଧାର୍ଯ୍ୟ ହୋଇଛି । ଏଥିରେ ପ୍ରବାସୀ ଭାରତୀୟ ଦିବସକୁ ଧୁମଧାମ୍‌ରେ ପାଳନ କରାଯିବ । ଆସନ୍ତା ପଥ ଉତ୍ସବ ପାଇଁ ମାଷ୍ଟର କ୍ୟାଣ୍ଟିନଠାରେ ମୁଖ୍ୟ ମଞ୍ଚ ରହିବ ଏବଂ ରାମମନ୍ଦିର ନିକଟରେ ଦ୍ୱିତୀୟ ମଞ୍ଚ ନିର୍ମାଣ ହେବ। ଏଥିରେ ସମସ୍ତ ବର୍ଗର ନାଗରିକ ସାମିଲ ହେବାକୁ କୁହାଯାଇଛି । ଗୀତ, ନୃତ୍ୟ, ଝୋଟି, ଯୋଗ, ସ୍କେଟିଂ, ସାଇକେଲିଂ, ବାସ୍କେଟ ବଲ୍, ଲୁଡ୍ଡୁ, କୁଇଜ୍ କମ୍ପିଟେସନ, ରଙ୍ଗୋଲି, ମ୍ୟାଜିକ୍ ସୋ', କ୍ଲେ ଆର୍ଟ, ଫେସ୍ ପେଣ୍ଟିଂ, ଜୁମ୍ବା ଆଦି ବିଭିନ୍ନ ବିଭାଗ ରହିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2024056, ତା.19.12.2024ରିଖ

**କାର୍ଯ୍ୟର ନାମ:** (କ)ପରାବିଲ-ଖମାର ସେକ୍ସନରେ ମାଟି କାମ, ଛୋଟ ପୋଲ, ବଡ଼ ପୋଲ, ଓଭରହେଡ୍ ଟାଙ୍କି, ସେବା ଭବନ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ, (ଖ)ସୁନାଖଣି-ପରାବିଲ ସେକ୍ସନର CRS/SAG ନିରୀକ୍ଷଣର ପର୍ଯ୍ୟବେକ୍ଷଣ ଅନୁପାଳନ ସମ୍ବନ୍ଧୀୟ କାର୍ଯ୍ୟ ସମୂହ, (ଗ) ତାଳଚେର-ବିମଳଗଡ଼ ନ୍ୟୁ BG ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ Ch : 43.55 କି.ମି. ଠାରୁ Ch : 52.6 କି.ମି. ମଧ୍ୟରେ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2898.21 ଲକ୍ଷ, EMD (ଟଙ୍କାରେ) : 15,99,100/-, କାର୍ଯ୍ୟ ଶେଷ ହେବା ଅବଧି : 04 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.01.2025 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-111/CH/24-25

**CORRIGENDUM** MM-374

"Instruction to Bidders:- In reference to vide this (Tender Notice No.6633/1F/2024 Dt.21.12.2024) Construction of DFO residence building at San Dudhianali, Athmallik under Athmallik Range of Athmallik Forest Division. The amount of ₹37,29,129/- is exclusive of GST and inclusive of the contractor's levies, profit, and other statutory liabilities. The corresponding documents have been uploaded in the www.odishaforest.in website. The last date for tender submission remains the same.

Sd/-
Divisional Forest Officer,
Athmallik Division.

OIPR-08125/11/0014/2425

ଭୁବନେଶ୍ୱର
୨୫ ଡିସେମ୍ବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27


# ପ୍ରବାସୀ ଭାରତୀୟ ଦିବସ ସମ୍ପର୍କରେ ପର୍ଯ୍ୟଟନ ବିଭାଗର ପ୍ରସ୍ତୁତି ସମୀକ୍ଷା

**ଭୁବନେଶ୍ୱର, ୨୪/୧୨ ନ୍ୟୁଜ ବ୍ୟୁରୋ**
ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ଜାନୁଆରୀ ମାସ ୮ରୁ ୧୦ତାରିଖ ଯାଏଁ ଭୁବନେଶ୍ୱରସ୍ଥିତ ଜନତା ମୈଦାନରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟ ଦିବସ ୨୦୨୫ରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମାନଜନକ କାର୍ଯ୍ୟକ୍ରମର ସଫଳତାକୁ ନିଶ୍ଚିତ କରିବା ନିମନ୍ତେ ସମସ୍ତ ବିଭାଗଗୁଡିକର ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି । ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଚିଲିକା ହ୍ରଦ ଏବଂ ରଘୁରାଜପୁର ଐତିହ୍ୟ ଗ୍ରାମ ସହିତ ରାଜ୍ୟର ପ୍ରସିଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପକୁ ପ୍ରଦର୍ଶନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ପ୍ରମୁଖ ଗନ୍ତବ୍ୟସ୍ଥଳର ସୌନ୍ଦର୍ଯ୍ୟକରଣ ଏବଂ ପ୍ରବାସୀ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇଦେବା ଦିଗକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ବିଭାଗୀୟ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ପର୍ଯ୍ୟଟକମାନଙ୍କ ପାଇଁ ଆବାସ ସୁବିଧା, ଗନ୍ତବ୍ୟ ପ୍ରସ୍ତୁତି, ସ୍ୱେଚ୍ଛାସେବୀ ଏବଂ ଗାଇଡମାନଙ୍କ ତାଲିମ ଓ କ୍ୟୁରେଟେଡ ଟୁର ପ୍ୟାକେଜର ପ୍ରସ୍ତୁତି ସମ୍ବନ୍ଧରେ ବିଶେଷ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଅନ୍ତର୍ଜାତୀୟ ତଥା ଜାତୀୟ ପ୍ରତିନିଧିମାନଙ୍କ ପାଇଁ ଏକ ନିରନ୍ତର ଓ ସାଂସ୍କୃତିକ ପର୍ଯ୍ୟଟନର ଅନୁଭୂତି ପ୍ରଦାନ କରିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଏହି ବୈଠକରେ ଉଲ୍ଲେଖ କରାଯାଇଛି ।

# ଭିଡ଼ ଦୃଷ୍ଟିରୁ କେବଳ ସିଂହଦ୍ୱାର ଦେଇ ପ୍ରବେଶ ନିଷ୍ପତ୍ତି

## ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ହୋଟେଲଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି



**ପୁରୀ ୨୪।୧୨ ନ୍ୟୁଜ ବ୍ୟୁରୋ**
ନବବର୍ଷରେ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ହେବ । ତେବେ ଭକ୍ତମାନେ ଯେଭଳି ମହାପ୍ରଭୁଙ୍କୁ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିପାରିବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଉଛି। ତେବେ ଡିସେମ୍ବର ୩୧ ଏବଂ ଜାନୁଆରୀ ୧ ତାରିଖରେ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖାଯାଇ ଏହିଦିନ କେବଳ ସିଂହଦ୍ୱାର ପଟେ ଭକ୍ତଙ୍କ ପ୍ରବେଶ ଅନୁମତି ରହିବ । ଭକ୍ତମାନେ ସିଂହଦ୍ୱାର ବାଟେ ପ୍ରବେଶ କରିବା ସହ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବେ । ଭକ୍ତମାନେ ଶାନ୍ତି ଶୃଙ୍ଖଳାରେ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ମାର୍କେଟ୍ ଛକ ଠାରୁ ବ୍ୟାରିକେଡ଼ ନିର୍ମାଣ କରାଯାଉଛି । ସେହିପରି ବୁଧବାର ବଡଦିନ ଥିବାରୁ ପରିସ୍ଥିତି ଦେଖି ସିଂହଦ୍ୱାର ପଟେ କେବଳ ପ୍ରବେଶ ନେଇ ନିଷ୍ପତ୍ତି ନିଆଯାଇଥିବା ପୁରୀ ଜିଲ୍ଲାପାଳ କହିଛନ୍ତି । ସେପଟେ ପୁରୀରେ ଜିରୋ ନାଇଟ୍ ସେଲିବ୍ରେସନକୁ ଧୁମଧାମରେ ପାଳନ କରିବା ପାଇଁ ପୁରୀର ନାମିଦାମୀ ହୋଟେଲଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପର୍ଯ୍ୟଟକମାନଙ୍କୁ ଅଧିକ ଆମୋଦପ୍ରମୋଦ ପ୍ରଦାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ହୋଟେଲ ଗୁଡ଼ିକରେ ମ୍ୟୁଜିକାଲ୍ ନାଇଟ୍ ଆୟୋଜନ କରାଯାଉଥିବା ବେଳେ ବହୁ ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କୁ ସଂଗୀତ ପରିବେଷଣ ପାଇଁ ଆମନ୍ତ୍ରିତ କରାଯାଇଥିବା ହୋଟେଲ ଆସୋସିଏସନ୍ ପକ୍ଷରୁ କୁହାଯାଇଛି । ସେହିପରି ପର୍ଯ୍ୟଟକଙ୍କୁ ବିଭିନ୍ନ ରକମର ଖାଦ୍ୟର ମଜା ଦେବା ପାଇଁ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଇଣ୍ଡିଆନ୍, ଚାଇନିଜ୍ ଏବଂ ବିଭିନ୍ନ କଣ୍ଟିନେଣ୍ଟାଲ୍ ଫୁଡ୍‌ର ବ୍ୟବସ୍ଥା କରାଯିବ । ପୁରୀ ଆସୁଥିବା ପର୍ଯ୍ୟଟକମାନେ ନୂଆବର୍ଷରେ ଯେଭଳି ଏକ ନୂଆ ଅନୁଭୂତି ନେଇ ଫେରିବେ ସେଥିପାଇଁ ବିଭିନ୍ନ ନାମିଦାମୀ ହୋଟେଲ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଥିବା ପୁରୀ ହୋଟେଲ ଆସୋସିଏସନ୍ ଉପସଭାପତି ସୂଚନା ଦେଇଛନ୍ତି ।

# ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ



**କଟକ, ୨୪/୧୨ ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର କାଠଯୋଡ଼ି ନିକଟ ବେଲ-ଭ୍ୟୁ ଛକ ଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପଣ କରାଯାଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରେଣ୍ୟ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତି ଅନାବରଣ କରି ସ୍ୱର୍ଗତ ବାଜପେୟୀଙ୍କର ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ସମଗ୍ର ବିଶ୍ୱରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପ୍ରେମ ଓ ବନ୍ଧୁତା ସ୍ଥାପନ କରି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ତାଙ୍କ ଜୀବନର ଏକ ମାତ୍ର ଲକ୍ଷ୍ୟ ଥିଲା ବୋଲି ଆଲୋକପାତ ସେ କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ବିଚିତ୍ର କୂଟନୀତି ସମଗ୍ର ବିଶ୍ୱକୁ ଚକିତ କରିଥିଲା ବୋଲି ଉଲ୍ଲେଖ କରିବା ସହ କୌଣସି ରାଷ୍ଟ୍ର ସହିତ ବନ୍ଧୁତାର ହାତ ବଢ଼ାଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକାଧାରରେ ଜଣେ ରାଜନୀତିଜ୍ଞ, ବିଚକ୍ଷଣ କୂଟନୀତିଜ୍ଞ ଏବଂ ସାହିତ୍ୟିକ ଭାବରେ ବେଶ୍ ପରିଚିତ ବୋଲି ଅତିଥିମାନେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ବିବେଚିତ କରିଥିଲେ । ଏହି ବର୍ଣ୍ଣାଢ୍ୟ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଲୋକସଭା ସଭ୍ୟ ଭର୍ତ୍ତୃହରି ମହତାବ, ରାଜ୍ୟସଭା ସଭ୍ୟ ଦେବାଶିଷ ସମନ୍ତରାୟ, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ ।

# ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଡ଼ାଇଲିସିସ୍ ୟୁନିଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୪/୧୨ ନ୍ୟୁଜ ବ୍ୟୁରୋ**
ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଇ.ଏସ୍.ଆଇ ହସ୍ପିଟାଲଠାରେ ବୀମାଭୁକ୍ତ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ନିମନ୍ତେ ଏକ ଡ଼ାଇଲିସିସ୍ ୟୁନିଟ କାର୍ଯ୍ୟକ୍ଷମ ଓ ଲୋକାର୍ପିତ ହୋଇଛି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହାକୁ ଉଦ୍‌ଘାଟନ କରି କହିଲେ ଯେ, ଆଜି ଆମ ସମସ୍ତଙ୍କ ପାଇଁ ଏକ ଆନନ୍ଦର ମୁହୂର୍ତ୍ତ । ସମ୍ପ୍ରତି କୀଡ଼ନି, ହୃଦରୋଗ ଇତ୍ୟାଦି ବହୁମାତ୍ରାରେ ଦେଖାଦେଉଥିବା ପରିପ୍ରେକ୍ଷୀରେ ଏହି ଡ଼ାଇଲିସିସ୍ ୟୁନିଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ବୀମାଭୁକ୍ତ କର୍ମଚାରୀ ଓ ତାଙ୍କର ପରିବାରର ସଦସ୍ୟଗଣ ବିନା ଦେୟରେ ଡ଼ାଇଲିସିସ୍ ଚିକିତ୍ସା ସେବା ପାଇପାରିବେ। ଭୁବନେଶ୍ୱର ଜୋନ ଅଧିନସ୍ଥ ସମସ୍ତ ଚିକିତ୍ସାଳୟରୁ ମଧ୍ୟ ପ୍ରେରିତ ହୋଇ ଏଠାରେ ଚିକିତ୍ସିତ ହୋଇ ପାରିବେ । ଏହି ଚିକିତ୍ସା ସେବା ପ୍ରଥମ ଥର ପାଇଁ ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଆରମ୍ଭ କରାଗଲା ଓ ଏହି ସେବା ଯେପରି ସମସ୍ତ ବୀମାଭୁକ୍ତ କର୍ମଚାରୀ ପାଇପାରିବେ ସେଥିପାଇଁ ସମସ୍ତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ପୁଣି କହିଲେ ଯେ ଏଥି ନିମନ୍ତେ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧିନରେ ବିନାଦେୟରେ ୧୨ଟି ପରବର୍ତ୍ତୀ ଯତ୍ନ (ସେକେଣ୍ଡାରୀ କେୟାର) ଓ ୧୨ଟି ସ୍ୱତନ୍ତ୍ର ବିଶେଷଜ୍ଞ ଯତ୍ନ (ଟର୍ଷିଆରୀ କେୟାର) ସହ ଚୁକ୍ତି କରାଯାଇଛି । ଏହି ଡ଼ାଇଲିସିସ୍ ସେବା ଚୌଦ୍ୱାର ଇ.ଏସ୍.ଆଇ ଚିକିତ୍ସାଳୟରେ ମଧ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ। ଖୁବଶୀଘ୍ର ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଏକ ସୁପର ସ୍ପେସିଆଲିଟି ଆଉଟଡୋର ମଧ୍ୟ ଆରମ୍ଭ ହେବାକୁ ଯାଉଛି। ଏହାଛଡା ଆଉ ୫ଟି ନୂତନ ଇ.ଏସ୍.ଆଇ ଡ଼ାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।





**ରାୟଗଡ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି'**
ଆସନ୍ତା ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାୟଗଡ଼ ଜିଲ୍ଲାସ୍ତରୀୟ 'ଚଇତି' ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ଉଦ୍ଭୟନ ପ୍ରଦର୍ଶନୀ ରାୟଗଡ଼ ସଦରମହକୁମା ସ୍ଥିତ ଜିସିଡ଼ି ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି' ମହୋତ୍ସବରେ ବହୁସଂଖ୍ୟାରେ ଯୋଗଦାନକରି ଏହାକୁ ସାଫଲ୍ୟମଣ୍ଡିତ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରୁଛି ।
ଶ୍ରୀମତୀ ପାରୁଲ ପଟାୱରୀ, ଭା.ପ୍ର.ସେ.
ଜିଲ୍ଲାପାଳ, ରାୟଗଡା



